ଆଜି - ଗୁରୁବାର
ତାରିଖ - ୦୬ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୧
ତିଥି - ଅଷ୍ଟମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଦ୍ୱିଜା, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୮ : ୦୦
ସୂର୍ଯ୍ୟାସ୍ତ - ୬ : ୧୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 114 R.N.I. REGD. No. 44026/86 ବାଲେଶ୍ୱର ୦୬ ଅଗଷ୍ଟ ୨୦୨୬ ଗୁରୁବାର BALASORE 06 AUGUST 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ । କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତି ନେବା ହିଁ ଶକ୍ତି ।"

- ମହାତ୍ମା ଗାନ୍ଧୀ

# ୩ ଦିନିଆ ଓଡ଼ିଶା ଗସ୍ତ ସାରି ଫେରିଲେ ମହାମହିମ

## ବ୍ରହ୍ମପୁର ରେଳଷ୍ଟେସନରେ ରାଷ୍ଟ୍ରପତିଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା

ବ୍ରହ୍ମପୁର (ନି.ପ୍ର.) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଫେରିଯାଇଛନ୍ତି । ତାଙ୍କ ଗସ୍ତ କାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଅଂଶବିଶେଷ ଭାବେ ଗଞ୍ଜାମ ଜିଲ୍ଲାର ଦୁଇଦିନିଆ ଐତିହାସିକ ଗସ୍ତ ସଫଳତାର ସହ ସମାପ୍ତ ହୋଇଛି । ଗଞ୍ଜାମ ଜିଲ୍ଲାରେ ମାନ୍ୟବର ରାଷ୍ଟ୍ରପତିଙ୍କ ଉପସ୍ଥିତିକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ଭାରତର ପ୍ରଥମ ନାଗରିକଙ୍କୁ ନିକଟରୁ ପାଇ ଜିଲ୍ଲାବାସୀ ଅତ୍ୟନ୍ତ ଉଲ୍ଲସିତ ହୋଇଥିଲେ । ମାନ୍ୟବର ରାଷ୍ଟ୍ରପତି ୪ ଅଗଷ୍ଟ ଅପରାହ୍ନରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଏହାପରେ ୫ ଅଗଷ୍ଟ ପ୍ରତ୍ୟୁଷରେ ବାବା ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସମାପ୍ତ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ନିମନ୍ତେ ସକାଳ ପ୍ରାୟ ୧୦.୦୫ ମିନିଟରେ ବ୍ରହ୍ମପୁର



ରେଳଷ୍ଟେସନରେ ପହଂଚିଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପ୍ରୋଟୋକଲ ଅନୁଯାୟୀ ବ୍ରହ୍ମପୁର ରେଳଷ୍ଟେସନରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଂଚଳ ଆଇ ଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶରବଣା ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶ୍ରୀ ହରିଶ ବିଶି, ବରିଷ୍ଠ ପ୍ରଶାସନିକ, ପୁଲିସ୍ ଓ ରେଲୱେର ଅଧିକାରୀମାନେ ଉପସ୍ଥିତ ରହି ମାନ୍ୟବର ରାଷ୍ଟ୍ରପତିଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ରେଳ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରୋଟୋକଲ, ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ଭାବେ ସମ୍ପନ୍ନ କରାଯାଇଥିଲା । ଏହାପରେ ମାନ୍ୟବର ରାଷ୍ଟ୍ରପତି ରେଳ ଯୋଗେ ଭୁବନେଶ୍ୱର ଅଭିମୁଖେ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ଗସ୍ତ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି, ଲୋକପରମ୍ପରା, ପର୍ଯ୍ୟଟନ ଓ ଧାର୍ମିକ ପୀଠଗୁଡ଼ିକୁ ଜାତୀୟ ସ୍ତରରେ ନୂଆ ପରିଚୟ ପ୍ରଦାନ କରିଛି । ବିଶେଷକରି ଗଞ୍ଜାମର ଆଦିବାସୀ ସଂସ୍କୃତି ଓ ଲୋକକଳା ପ୍ରତି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷିତ ହୋଇଛି । ଏହି ଗସ୍ତ ଜିଲ୍ଲାର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ଜିଲ୍ଲାପାଳ ଶ୍ରୀ ଭାସନ ଆଶା ବ୍ୟକ୍ତ କରିଛନ୍ତି ।ଏହା ସହିତ ସମସ୍ତ ସହଯୋଗ ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ସାଧୁବାଦ ଜଣାଇଛନ୍ତି ।

# ଧାରା ୩୭୦ ଏବଂ ୩୫ (ଏ) ଉଚ୍ଛେଦର ସାତ ବର୍ଷ ପୂର୍ତ୍ତି ଉପଲକ୍ଷେ

## ଏହାର ମହତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଧାରା ୩୭୦ ଏବଂ ୩୫ (ଏ) ଉଚ୍ଛେଦର ସାତ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ନିର୍ଣ୍ଣାୟକ ପଦକ୍ଷେପର ମହତ୍ୱ ବିଷୟରେ ଅବତାରଣା କରିଛନ୍ତି । ୫ ଅଗଷ୍ଟ ୨୦୧୯କୁ ଭାରତର ସମାବେଶୀ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ବୋଲି ସେ କହିଛନ୍ତି ।ଶ୍ରୀ ମୋଦୀ କହିଛନ୍ତି, ଗତ ସାତ ବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀର ଏବଂ ଲଦାଖର ଲୋକମାନେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିଛନ୍ତି । ଭିତିଭୂମିର ଉଲ୍ଲେଖନୀୟ ବିସ୍ତାର ହୋଇଛି, ଅନ୍ୟପଟେ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଉଦ୍ୟୋଗ ବିକାଶ ଏବଂ କ୍ରୀଡ଼ା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହୋଇଛି ।ଅନେକ ଦଶନ୍ଧି ଧରି ସାମ୍ବିଧାନିକ ଅଧିକାରରୁ ବଂଚିତ ଥିବା ମହିଳା ଏବଂ ବଂଚିତ ସମାଜର ସଦସ୍ୟମାନେ ଏବେ ଭାରତୀୟ ସମ୍ବିଧାନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ମାଧ୍ୟମରେ ସଶକ୍ତ ହୋଇଛନ୍ତିବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ



ଏହି ବାର୍ଷିକୀରବିଶେଷ ମହତ୍ୱ ରହିଛି କାରଣ ଦେଶ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳନ କରୁଛି । ସେ କହିଛନ୍ତି, ରାଷ୍ଟ୍ରୀୟ ଏକତା ପ୍ରତି ଡକ୍ଟର ମୁଖାର୍ଜୀଙ୍କର ଆଜୀବନ ପ୍ରତିବଦ୍ଧତା ଅନେକ ପିଢ଼ିକୁ ଅନୁପ୍ରାଣିତ କରିଚାଲିଛି ଏବଂ ତାଙ୍କ ଦ୍ୱାରା ପରିକଳ୍ପିତଦୃଷ୍ଟିକୋଣ ୫ ଅଗଷ୍ଟ ୨୦୧୯ରେ ଐତିହାସିକ ଭାବେ ସାକାର ରୂପ ନେଇଥିଲା । ଜମ୍ମୁ-କଶ୍ମୀର ଏବଂ ଲଦାଖର ବିକାଶ ଲାଗି ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ଦୋହରାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ନାଗରିକଙ୍କୁ ବଡ଼ ସ୍ୱପ୍ନ ଦେଖିବା, ନିଜ ଆକାଂକ୍ଷାକୁ ସାକାର କରିବା ଏବଂ ଏକ ବିକଶିତ ଭାରତର ପରିକଳ୍ପନାରେ ଯୋଗଦାନ କରିବାର ସୁଯୋଗ ମିଳିବା ଉଚିତ୍ ।ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି: ସାତ ବର୍ଷ ପୂର୍ବରୁ ଆଜିର ଦିନରେ ଧାରା ୩୭୦ ଏବଂ ୩୫ (ଏ) ଇତିହାସ ପାଲଟି ଯାଇଥିଲା । ଏହା ଜମ୍ମୁ-କଶ୍ମୀର ସହିତ ଲଦାଖର ଯାତ୍ରାରେ ଏକ ନିର୍ଣ୍ଣାୟକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା । ସେବେଠାରୁ ଜମ୍ମୁ-କଶ୍ମୀର ଏବଂ ଲଦାଖର ଲୋକମାନଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆସିଛି । ଭିତିଭୂମିର ବିସ୍ତାର ହୋଇଛି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଉଦ୍ୟୋଗ ବିକାଶ ଏବଂ କ୍ରୀଡ଼ା ଭଳି କ୍ଷେତ୍ରରେ ସୁଯୋଗ ବୃଦ୍ଧି ପାଇଛି । ମହିଳା ହୁଅନ୍ତୁ ଅବା ବଂଚିତ ସମାଜର ସଦସ୍ୟ,ଅନେକ ଦଶନ୍ଧି ଧରି ସାମ୍ବିଧାନିକ ଅଧିକାରରୁ ବଂଚିତ ଥିବାଲୋକମାନେଭାରତୀୟ ସମ୍ବିଧାନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ମାଧ୍ୟମରେ ସଶକ୍ତ ହୋଇଛନ୍ତି । ଚଳିତ ବର୍ଷ ୫ ଅଗଷ୍ଟ ତାରିଖର ବିଶେଷ ମହତ୍ୱ ରହିଛି କାରଣ ଏଥରଦେଶ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳନ କରୁଛି ।

# ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଦେଶର 'ଶକ୍ତି ପ୍ରଗତିର ଇଞ୍ଜିନ୍' ଭାବେ ଓଡ଼ିଶା ନିଜର ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଉଛି । ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଶିଳ୍ପ ମନ୍ତ୍ରୀ




୨୦୩୦ ସୁଦ୍ଧା ରାଜ୍ୟରେ ୧୧ ଗିଗାୱାଟ୍ (ଏଡ) ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରସଙ୍ଗରେ ଆଜି (ବୁଧବାର) ଆଇଇଇଏମ୍ଏ ଏବଂ ଓଡ଼ିଶା ସରକାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପ- ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣର ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦ, ଆଇଇଏମ୍ଏ ସଭାପତି ବିକ୍ରମ ଗାନ୍ଧୋତ୍ରା, ମହାନିର୍ଦ୍ଦେଶକ ଚାରୁ ମାଥୁର, ଆଇଇଏମ୍ଏ (ପୂର୍ବ) ଅଧ୍ୟକ୍ଷ ଉତ୍କର୍ଷ ବଂଶଲ ଓ ଉପ-ଅଧ୍ୟକ୍ଷ ପରାଗ ସରାଫଙ୍କ ସମେତ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍-ବଳକା ରାଜ୍ୟ । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଯୋଜନା ଅନୁଯାୟୀ, ରାଜ୍ୟରେ ଆଧୁନିକ ସ୍ମାର୍ଟ ଗ୍ରିଡ୍, ଡିଜିଟାଲ୍ ସବଷ୍ଟେସନ୍ ଏବଂ ଏଆଇ-ସକ୍ଷମ ବ୍ୟବସ୍ଥା ମାଧ୍ୟମରେ ଶକ୍ତି କ୍ଷେତ୍ରକୁ ଆହୁରି ମଜବୁତ୍ କରିବାକୁ ନିଷ୍ପତି ନିଆଯାଇଛି । ଓଡ଼ିଶାରେ ୧୦ ଲକ୍ଷ କୋଟି ଟଙ୍କାର ବିଶାଳ ନିବେଶ ଯୋଜନା ଚାଲୁଥିବାରୁ, ଏଠାରେ ଉଚ୍ଚମାନର ଇଲେକ୍ଟ୍ରିକାଲ୍ ଉପକରଣ ଓ ଟ୍ରାନ୍ସଫର୍ମରର ବଡ଼ ଚାହିଦା ସୃଷ୍ଟି ହେଉଛି । ଉତମ ବନ୍ଦର ସଂଯୋଗୀକରଣ ଓ ଭୌଗୋଳିକ ସ୍ଥିତି ଯୋଗୁଁ, ଏଠାରେ ତିଆରି ହେଉଥିବା ଉପକରଣକୁ ପୂର୍ବ, ଉତର-ପୂର୍ବ ଭାରତ ସମେତ ବିଦେଶକୁ ମଧ୍ୟ ସହଜରେ ରପ୍ତାନି କରାଯାଇପାରିବ । 'ଓଡ଼ିଶାରେ ଉତ୍ପାଦନ କରନ୍ତୁ, ନବୋନ୍ମେଷ କରନ୍ତୁ ଏବଂ ସମୃଦ୍ଧ ହୁଅନ୍ତୁ' — ଏହି ନାରା ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଶ୍ୱର ଶିଳ୍ପପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଆହ୍ୱାନ ଜଣାଇଛନ୍ତି ।

# ବାଲେଶ୍ୱରରେ ବନ୍ୟାସ୍ଥିତିର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର : ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ



ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ବିଭିନ୍ନ ଅଂଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ସେ ଦହପଡା ଗ୍ରାମ ପଂଚାୟତ, ଛନୁଆ ଗ୍ରାମ ପଂଚାୟତ, କୁରୁଡ଼ିହା ଗ୍ରାମ ପଂଚାୟତ ଏବଂ ବାହାବଳପୁର ଗ୍ରାମ ପଂଚାୟତ ପରିଦର୍ଶନ କରି ବନ୍ୟା ସ୍ଥିତି, ଜନଜୀବନ ଓ ସରକାରଙ୍କ ପକ୍ଷରୁ କରାଯାଉଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ସମୟରେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ସମେତ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ସିମୁଳିଆ ବିଧାୟକ ଏବଂ ମାନ୍ୟବର ସଦର ବିଧାୟକ ମଧ୍ୟ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ପରିବାରମାନଙ୍କ ଘରକୁ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ । ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଘର, ଚାଷଜମି, ରାସ୍ତାଘାଟ, ପାନୀୟ ଜଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତିଭୂମିର ସ୍ଥିତି ପରଖିଥିଲେ । ଏହି ଅବସରରେ ସେ କହିଥିଲେ ଯେ ରାଜ୍ୟ ସରକାର ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସହ ରହିଛନ୍ତି ଏବଂ କୌଣସି ଯୋଗ୍ୟ ବ୍ୟକ୍ତି ସରକାରୀ ସହାୟତାରୁ ବଂଚିତ ହେବେ ନାହିଁ । ସରକାରଙ୍କ ସମସ୍ତ ସହାୟତା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଶୀଘ୍ର ପ୍ରଦାନ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ପରିଦର୍ଶନ ସମୟରେ ସେ ଆଶ୍ରୟସ୍ଥଳ, ରିଲିଫ୍ ବଂଟନ କେନ୍ଦ୍ର ଓ ପ୍ରଭାବିତ ଗ୍ରାମଗୁଡ଼ିକରେ ଉପଲବ୍ଧ ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ଅଧିକାରୀମାନଙ୍କଠାରୁ ସୂଚନା ନେଇଥିଲେ । ଆବଶ୍ୟକ ସ୍ଥାନରେ ଅଧିକ ରିଲିଫ୍ ସାମଗ୍ରୀ ପଠାଇବା ସହିତ ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ବାଲେଶ୍ୱର କଲେକ୍ଟରେଟ୍ ସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।



# ନବସୃଜନ, ନୈତିକତା ଓ ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱାରୋପ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଦିବସ-୨୦୨୬ ପାଳିତ




ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ବାଣିଜ୍ୟ ବିଭାଗ ପକ୍ଷରୁ ବ୍ୟବସାୟ ପରିଚାଳନା ବିଭାଗ ଓ କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ବାଣିଜ୍ୟ ଦିବସ-୨୦୨୬ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବାଣିଜ୍ୟ ଓ ପରିଚାଳନା ଶିକ୍ଷାର ବଦଳୁଥିବା ଭୂମିକା ଉପରେ ଆଲୋଚନା କରିଥିଲେ । ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ତଥା କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ବର୍ତ୍ତମାନ ସମୟରେ ବହୁବିଷୟକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀମାନେ ନେତୃତ୍ୱ ଦକ୍ଷତା ଓ ନୈତିକ ମୂଲ୍ୟବୋଧକୁ ଆପଣାଇ ବାଣିଜ୍ୟ କ୍ଷେତ୍ରରେ ନିଜ ବୃତି ଗ୍ରହଣ କରି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ ।

ସଭାରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀ- ବାଣିଜ୍ୟ ବିଭାଗକୁ ଏଭଳି ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇ ପ୍ରଶଂସା କରିଥିଲେ । ସେ କହିଥିଲେ, ବର୍ତ୍ତମାନ ବାଣିଜ୍ୟ ଶିକ୍ଷା କେବଳ ହିସାବ ଓ ଅର୍ଥନୀତିରେ ସୀମିତ ନାହିଁ; ଏହା ନବସୃଜନ, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଓ ଉଦ୍ୟୋଗୀ ସୃଷ୍ଟିକୁ ମଧ୍ୟ ସାମିଲ କରୁଛି । ସତ୍ୟନିଷ୍ଠା, ବୃତିଗତ ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ସହ ନିଜକୁ ପ୍ରସ୍ତୁତ କରି ବିଶ୍ୱସ୍ତରୀୟ ସୁଯୋଗର ସଦୁପଯୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ଶିକ୍ଷା ନୀତି ଅନୁରୂପ ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ଶିଳ୍ପାନୁଷ୍ଠାନ ଭିତିକ ଶିକ୍ଷା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସରତ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ପ୍ରଭାତ କୁମାର ମହାନ୍ତି ଯୋଗଦେଇ- ଶିକ୍ଷା ସହ ବ୍ୟବହାରିକ ଅଭିଜ୍ଞତାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଆର୍ଥିକ ସଚେତନତା ଓ ଆଜୀବନ ଶିକ୍ଷା ପ୍ରତି ଆଗ୍ରହ ହିଁ ବଦଳୁଥିବା ବ୍ୟବସାୟିକ ପରିବେଶରେ ସଫଳତାର ଚାବିକାଠି ବୋଲି ସେ କହିଥିଲେ । ବିଶେଷ ସମ୍ମାନିତ ଅତିଥି ଏଏସ୍ ?ବିଏମ୍ ? ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଯୋଗଦେଇ - ଉଦ୍ୟୋଗୀ ସୃଷ୍ଟି, ନବସୃଜନ ଓ ନୈତିକ ବ୍ୟବସାୟ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ଛାତ୍ରଛାତ୍ରୀମାନେ କେବଳ ଚାକିରି ଖୋଜୁଥିବା ନୁହେଁ, ବରଂ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନିଜ ବକ୍ତବ୍ୟରେ, ଦାୟିତ୍ୱବାନ ବୃତିଜୀବୀ ଓ ସଫଳ ଉଦ୍ୟୋଗୀ ସୃଷ୍ଟିରେ ବାଣିଜ୍ୟ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ବାଣିଜ୍ୟ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ ।

ବାଣିଜ୍ୟ ବିଭାଗର ସଂଯୋଜକ ଡକ୍ଟର ଦେବଦତ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଭାଗ ଅଧ୍ୟାପିକା ଡ଼କ୍ଟର ଗାୟତ୍ରୀ ଗୁହା ରାୟ ଓ ଶୁଭଶ୍ରୀ ଖିଲାର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ଼କ୍ଟର ରାଜାରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦହପଡ଼ା ବନ୍ଧସାହି ବନ୍ୟା ବିପନ୍ନଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



ବାଲେଶ୍ୱର(ନି.ପ୍ର.)ବୁଧବାର ଅପରାହ୍ନ ରେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ରେମୁଣା ନିର୍ବାଚନ ମଣ୍ଡଳୀ ର ଦହ ପଡା ପଂଚାୟତ ଅନ୍ତର୍ଗତ ବନ୍ଧ ସାହି, ନାୟକ ସାହି, ସାନ ଦହ ପଡା ଓ ବଡ଼ ଦହ ପଡା ର ବନ୍ୟା ବିପନ୍ନ ଲୋକଙ୍କୁ ଭେଟି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝି ଥିଲେ । ତାଙ୍କ ସହ ରେମୁଣା ବିଧାୟକ ଗୋବିନ୍ଦ ଦାସ ଓ ସଦର ବିଧାୟକ ମାନସ ଦତ ଉପସ୍ଥିତ ଥିଲେ. । ସ୍ଥାନୀୟ ସରପଂଚପ୍ରଣତି ଜେନା ଉପମୁଖ୍ୟ ମନ୍ତ୍ରୀ ଙ୍କ ସହ ଆଲୋଚନା କରି ଏକ ଚାରିଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ ।ବୁଢ଼ା ବଳଙ୍ଗ ବନ୍ଧ ସାହି ଓ ତଳ ଦହ ପଡା ରେ ନିଜର ଗତି ପଥ ବଦଳାଉ ଥିବାରୁ ତୁରନ୍ତ ନଦୀ ବନ୍ଧ ରେ ପଥର ପେଚିଂ କରିବା., ଏହି ପଂଚାୟତ ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳ ହୋଇଥିବାରୁ ଏକ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ, ନଦୀ ବନ୍ଧ ତଳୁ ବାଲି -ମାଟି ମାଫିଆ ମାନେ ଦୈନିକ ହଜାର ଟ୍ରିପ ମାଟି ଓ ବାଲି ବେଆଇନ ଭାବେ ଉତୋଳନ କରୁଥିବାରୁ ତୁରନ୍ତ ସେମାନଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସ୍ଥାନୀୟ ପଂଚାୟତ ର ଭୂମି ହୀନ ମାନଙ୍କୁ ସଠିକ ଭାବେ ଚିହ୍ନଟ କରି ଘର ଡିହ ଓ ପକ୍କା ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।ଅପର ପକ୍ଷରେ ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା ନିଜର ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ରେମୁଣା ଓ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ରେ ବନ୍ୟା ଯୋଗୁଁ ବ୍ୟାପକ ଘର ଦ୍ୱାର, ଶସ୍ୟ ଗୋ ସମ୍ପଦ, ରାସ୍ତା ପୋଲ ନଷ୍ଟ ହୋଇଥିବା ଅନୁଭବ କରିଛନ୍ତିବୋଲି ଦର୍ଶାଇଛନ୍ତି. ବନ୍ୟା ଜଳ ନିଷ୍କାସନ ରେ ବିଳମ୍ବ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ନୂତନ ସରକାର ଏହା ଉପରେ ଗୁରତ୍ୱ ଦେବେ. ସେ ଡ୍ରେନେଜ ବିଭାଗ ର ଇଞ୍ଜିନିୟର ଇନ ଚିଫ ସହ ଏ ସମ୍ପର୍କରେ ଆଲୋଚନା କରିବେ । ଦହ ପଡା ରେ ବାଲି ମାଟି ଉତୋଳନ ତୁରନ୍ତ ବନ୍ଦ କରିବାକୁ ଆଜି ସନ୍ଧ୍ୟା ରେ ଜିଲ୍ଲା ପ୍ରଶାସନ ଙ୍କ ସହ ଆଲୋଚନା ବେଳେ ନିର୍ଦ୍ଦେଶ ଦେବେ ।ରିଲିଫ କାମ ସରିଛି ଏବେ ଶସ୍ୟ ନଷ୍ଟ ର ଆକଳନ କରାଯାଉଛି. ସମ୍ପୂର୍ଣ୍ଣ କ୍ଷତି ର ରିପୋର୍ଟ ମିଳିବା ପରେ କ୍ଷତି ପୂରଣ ଦିଆଯିବ । ସହଳ ଅମଳ କ୍ଷମ ଧାନ ବିହନ ବନ୍ୟା ପ୍ରପୀଡ଼ିତ ଚାଷୀ ଙ୍କୁ ପ୍ରଦାନ କରିବା ପାଇଁ ସେ ମୁଖ୍ୟ ମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।

# ‘ଭିଜନ ବାଲେଶ୍ୱର’ ସଂଗଠନ ପକ୍ଷରୁ କୃତୀ ପ୍ରତିଯୋଗୀ ପୁରସ୍କୃତ



ବାଲେଶ୍ୱର (ନି.ପ୍ର.): ଜଗନ୍ନାଥ ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବା ଏବଂ ଛାତ୍ର ଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ବାଲେଶ୍ୱରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ ‘ଭିଜନ ବାଲେଶ୍ୱର’ ପକ୍ଷରୁ ସହରର ମଲ୍ଲିକାଶପୁର ସ୍ଥିତ ଶାନ୍ତିକାନନ ପରିସରରେ ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଶ୍ରୀ ଜଗନ୍ନାଥ ଙ୍କର ୩୨ ବେଶ ଓ ରଥଯାତ୍ରା ରେ ମହାପ୍ରଭୁ ବିଷୟକୁ ନେଇ ଚିତ୍ରାଙ୍କନ କରିଥିଲେ । ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନିତା ବେହେରା ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେବା ସହିତ ବାପା ଓ ମାଆଙ୍କ ପ୍ରତି ସର୍ବଦା ଆଦର ସମ୍ମାନ ପ୍ରଦର୍ଶନ କରିବାକୁ କହିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ମହାବୀର ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ପ୍ରତିମା ପଣ୍ଡା, ବାଲେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି କେଶବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ବହୁମୁଲ୍ୟ କଥା କହିବା ସହିତ ସଂଗଠନର ସୁନ୍ଦର ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିଥିଲେ କ୍ଷ ସଂଗଠନର ଆଇନ ପରାମର୍ଶ ଦାତା ବିଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଧୀରେଜ କୁମାର ଦାସ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ । ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ଆମ୍ରାଲିପି ମଲ୍ଲିକ ପ୍ରଥମ , ଝଗଡ଼ ପାଢ଼ୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାହେଶ୍ୱରୀ ଗନ୍ତାୟତ ଦ୍ୱିତୀୟ , ବୈଦ୍ୟନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରେଖା ରଣା ତୃତୀୟ, ସେହିପରି ବରିଷ୍ଠ ବର୍ଗରେ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପଙ୍କଜ ବେହେରା ପ୍ରଥମ ,ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟଜିତ ମହାରଣା ଦ୍ୱିତୀୟ ,ବାସନ୍ତୀ ସିନ୍ଧିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ସୋନାଲି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେମାନଙ୍କୁ ସଂଗଠନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଓ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, କୁନାଲ ବେହେରା, ବିରଂଚି କୁମାର ପ୍ରଧାନ,ଅଜୟ ନାୟକ , ପ୍ରମୋଦ ସାହୁ,ହର୍ଷ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ କ୍ଷ ଏହି ଅବସରରେ ଯଶରାଜ ଜେନା, ଦିଶା ଅପର୍ଣ୍ଣା,ରାଶି ହଲଦାର, ଏସ.କେ ଆରିଫଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ପ୍ରତିଯୋଗିତାରେ ବିଚାରକ ଭାବେ କଳା ଶିକ୍ଷକ ବିଭୁତି ପ୍ରସାଦ ଦାସ ଓ ଦୀପକ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ ।

# ବନ୍ୟା ବିପର୍ଯ୍ୟୟର ତଦାରଖ ପାଇଁ ପ୍ରଦେଶ କଂଗ୍ରେସ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ରେମୁଣା ଓ ସଦର ବ୍ଲକ ପରିଦର୍ଶନ



ବାଲେଶ୍ୱର(ନି.ପ୍ର.)ଚଳିତ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱରରେ ବନ୍ୟା ପରିସ୍ଥିତି ସାଂଘାତିକ ହୋଇଛି । ଏହି ବନ୍ୟାରେ ବାଲେଶ୍ୱର ରେମୁଣା ଓ ସଦର ବ୍ଲକ ଅଧିନସ୍ଥ ବହୁ ପଂଚାୟତ ପାଣି ଘେରରେ ରହିବା ସହ ଲୋକମାନଙ୍କର ଘର ଦ୍ୱାର ଭାଙ୍ଗିଯାଇଛି । ବନ୍ୟା କମିଥିଲେ ବି ଧନଜୀବନ ବିପର୍ଯ୍ୟସ୍ତ ହେବା ସହ ଭୋକ ଉପବାସରେ ଲୋକେ ଜୀବନ ବିତାଉଛନ୍ତି । ପ୍ରଶାସନ ପକ୍ଷରୁ ସବୁଅଂଚଳରେ ରିଲିଫ ସାମଗ୍ରୀ ପହଂଚି ପାରିନାହିଁ । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏଥିପାଇଁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ବିପର୍ଯ୍ୟୟର ତଦାରଖ ପାଇଁ କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ ରେମୁଣା ଓ ସଦର ବ୍ଲକର ବନ୍ୟା ପ୍ରଭାବିତ କେତେକ ଅଂଚଳ ରବିବାର ପରିଦର୍ଶନ କରିଥିଲେ । ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେସନ ଛକ ଠାରେ ଦିବା ୧୧ ରେ ପହଂଚିବା କ୍ଷଣି ସଦର, ରେମୁଣା ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ ମାନେ ସ୍ୱାଗତ ଜଣାଇଥିଲେ । ପରେ ସ୍ୱତନ୍ତ୍ର ଟିମ୍ ସଦର ବ୍ଲକ ଅନ୍ତର୍ଗତ ବଇଁଚା ପଂଚାୟତର ବାଲିସାହି,ସିନ୍ଧିଆ ପଂଚାୟତ ର ଡୁମୁରିଆ ପ୍ରଭୃତି ବନ୍ୟା ପ୍ରଭାବିତ ଅଂଚଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ ତତ ସହିତ ଶୁଖିଲା ଖାଦ୍ୟ ମଧ୍ୟ ବ[ନ କରିଥିଲେ ପରେ ରେମୁଣା ବ୍ଲକ ଅଧିନସ୍ତ ଦହପଡା ପଂଚାୟତ ଅନ୍ତର୍ଗତ କ[।ବଣିଆ ଗ୍ରାମରେ ପହଂଚି ଲୋକଙ୍କ ସମସ୍ୟା ବୁଝି ଥିଲେ ଏହି ପରିଦର୍ଶନ ସମୟରେ ବିଧାୟକ ଶ୍ରୀଯୁକ୍ତ ଦାସଙ୍କ ସହିତ ରାଜ୍ୟ କଂଗ୍ରେସ ସେବାଦଳ ସଭାପତି ସୁଭେନ୍ଦୁ ମହାନ୍ତି ଓ ନରେନ୍ଦ୍ର ସିଂ ଭେଟି, ସଂପାଦକ ଅଖିଳ ଭାରତ ସେବା ଦଳ ତଥା ପ୍ରଭାରୀ ଓଡ଼ିଶା , ସମେତ ଅନ୍ୟ ସେବା ଦଳର କର୍ମକର୍ତା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ,ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ,ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ରାଜ୍ୟ ମହିଳା କଂଗ୍ରେସ ସୋସିଆଲ ମିଡିଆ ଅଧକ୍ଷ ଜୟସ୍ମିତା ମହାନ୍ତି ,ସଦର ନିର୍ବାଚନମଣ୍ଡଳୀର ଯୁବନେତା ସରୋଜ କୁମାର ଲେଙ୍କା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ରାଜ୍ୟ ମହିଳା କଂଗେସ ସାଧାରଣ ସମ୍ପାଦକ ବାସନ୍ତୀ ସାମଲ ଓ ସମ୍ପାଦକ ଜ୍ୟୋସ୍ନା ସେନାପତି, ଅର୍ଚ୍ଚନା ନନ୍ଦୀ , କଂଗ୍ରେସ ରେମୁଣା ବ୍ଲକ ସଭାପତି କନ ବେହେରା,ତରୁଣ ଦାସ,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନିଶିଥ ବାରିକ,ଦେବଦତ ଦାସ, ବିଜୟ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଶ୍ରୀକାନ୍ତ ବୁଗୁଡାଇ,ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା,ଗୁରୁ ପ୍ରଶନ୍ନ ମିଶ୍ର, ସକ୍ ରାଜୁ,ନିରଞ୍ଜନ ବେହେରା,ଶ୍ରୀକାନ୍ତ ପତି,ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ,କେଶବ ନାୟକ,ସକ୍ ଆଜଗର ଅଲ୍ଲି ପ୍ରମୁଖ ସାମିଲ ହୋଇଥିଲେ । ଅପରାହ୍ନ ରେ ଉପଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ଅଂଚଳ ର ଲୋକଙ୍କ ଦୁର୍ଦ୍ଦଶା ଏବଂ ଅସୁବିଧା ଅବଗତ କରାଇଥିଲେ ।

# ମ୍ୟୁନିସ୍‌ପାଲ୍ ହାଇସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ଦାବିରେ ସ୍ଥାନୀୟ କାଉନସିଲରଙ୍କ ଧାରଣା




ବାଲେଶ୍ୱର(ନି.ପ୍ର.): ବାଲାଶ୍ରମସ୍ଥିତ ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଆବଶ୍ୟକୀୟ ଶିକ୍ଷକ ଅଭାବରୁ ଗୋଟିଏ ଗୋଟିଏ ଶ୍ରେଣୀରେ ଶତାଧିକ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ବାଧ ହେଉଛନ୍ତି । ସାହିତ୍ୟ, ସାମାଜିକ ଓ ଇଂରାଜୀ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଜିଲ୍ଲା ଜନଶୁଣାଣିରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଆବେଦନ କରି ଆସୁଥିଲେବି ସମସ୍ୟାର ସମାଧାନ ହୋଇପାରୁନଥିଲା । ବୁଧବାର ଦିନ ୧୦ଟାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ସ୍ଥାନୀୟ କାଉନସିଲର ତଥା ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଦେବାଶିଷ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର ରଖି ଧାରଣାରେ ବସିଥିଲେ । ତାଙ୍କୁ ସମର୍ଥନ ଜଣାଇ ସ୍କୁଲ୍ ପରିଚାଳନା କମିଟିର ସଭ୍ୟ, ସଭ୍ୟା ଓ ଅଭିଭାବକ ତଥା ବାଲେଶ୍ୱରର କେତେକ ସାମାଜିକ ସଂଗଠନର କର୍ମକ□ା ଧାରଣାସ୍ଥଳରେ ପହ□ି ଶ୍ରୀ ସିଂହଙ୍କୁ ଦୃଢ଼ ସମର୍ଥନ ଜଣାଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କୁ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ କମିଟିରୁ ମାମା ଧଳ, ସୁରେଖା ବେହେରା, ଶୁଭେନ୍ଦ୍ର ପାତ୍ର, ଧନେଶ୍ୱର ବାରିକ, ସେବତୀ ମାରାଣ୍ଡି, ମିନାକ୍ଷୀ ପଣ୍ଡା, ତାପସ ଆଚାର୍ଯ୍ୟ, ଡମ୍ବରୁ ବେହେରାଙ୍କ ସମେତ ବାଲେଶ୍ୱର ଶିକ୍ଷା ସୁରକ୍ଷା ମ□ର ଆବାହକ ରଘୁନାଥ ଲେଙ୍କା, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ସାହୁ, ସେଖ୍, ଇକ୍‌ବାଲ୍, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଓ ରାଜକିଶୋର ଲେଙ୍କା, ସାମାଜିକକର୍ମୀ ଶିଶିର ହୁଇ, ଅରୁଣ ଜେନା ଓ ସୀତାଂଶୁ ସେନାପତି ପ୍ରମୁଖ ସାକ୍ଷାତ କରି ଦୀର୍ଘ ଆଲୋଚନା ପରେ ଆସନ୍ତା ଦୁଇଦିନ ମଧ୍ୟରେ ଜଣେ ଶିକ୍ଷକ ଓ ଆସନ୍ତା ମାସରେ ଅନ୍ୟଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଡ. ନାୟକ ଧାରଣାସ୍ଥଳରେ ଶ୍ରୀ ସିଂହଙ୍କୁ ସାକ୍ଷାତ କରି ପ୍ରତିଶ୍ରୁତି ଜଣାଇବା ସହ ଧାରଣାରୁ ନିବୃ□ ହେବାକୁ ଅନୁରୋଧ କରିଥିଲେ । ଶ୍ରୀ ଦେବାଶିଷ ସିଂହ ଧାରଣାସ୍ଥଳରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷାପ୍ରେମୀମାନଙ୍କୁ କୃତଜ୍ଞତା ଜଣାଇ ଧାରଣା ପ୍ରତ୍ୟାହାର କରିଥିଲେ ।

# ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଅନ୍ଧମୂକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବ[ନ କରାଯାଇଥିବା ବେଳେ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ସମାଜସେବା, ସଂଗଠନ ପ୍ରତି ଅବଦାନ ଓ ଯୁବ ସମାଜ ପାଇଁ ତାଙ୍କର ଆଦର୍ଶକୁ ସ୍ମରଣ କରି ଉପସ୍ଥିତ ନେତୃବୃନ୍ଦ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଦେବଦତ ଦାସ ଓ ବିଜୟ କୁମାର ମହାନ୍ତି , ଯୁବ କଂଗ୍ରେସ



ସଭାପତି ରଞ୍ଜନ ଦାସ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ସଦର ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ନବପ୍ରସାଦ ଭୂୟାଁ, ହର୍ଷ ଖେଦେଲୱାଁ, ବୈରୁଦ ଦାସ, ଡିସିସି ସଂପାଦକ ପଶୁପତି ଉପାଧ୍ୟାୟ ଓ କୋଷାଧକ୍ଷ କନ୍ତିଲାଳ ନାୟକ ସମେତ ବହୁ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଆଦର୍ଶକୁ ଆଗାମୀ ପିଢ଼ି ମଧ୍ୟରେ ପହଂଚାଇ ସମାଜସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ ।

# କିଷାନ୍ ମୋର୍ଚ୍ଚା ଓ ଶ୍ରମିକ ସଂଗଠନମାନଙ୍କର ମିଳିତ ଆହ୍ୱାନରେ ଅଗଷ୍ଟ ୧୦ ତାରିଖରେ ଗଣବିକ୍ଷୋଭ

ବାଲେଶ୍ୱର(ନି.ପ୍ର.): କିଷାନ୍ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ର ମିଳିତ ମ□ର ଆହ୍ୱାନକ୍ରମେ ଚଳିତ ଅଗଷ୍ଟମାସ ୧୦ ତାରିଖ ସୋମବାର ଦିନ ଦେଶବ୍ୟାପୀ ପ୍ରତିବାଦ ଅନୁଷ୍ଠିତ ହେବ । ୪ଟି କଳା ଶ୍ରମ କୋଡ୍ ବାତିଲ, ସ୍କିମ୍ ୱାର୍କରଙ୍କୁ କର୍ମଚାରୀ ମାନ୍ୟତା, ସରକାରୀ ସଂସ୍ଥାର ଘରୋଇକରଣ ବନ୍ଦ କରିବା, କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ କରିବା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିକରି ବାଲେଶ୍ୱର ଶ୍ରମିକ ଓ କୃଷକ ସଂଗଠନମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପ□ ନିଆଯାଇଛି । ଉକ୍ତ ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ନିକଟରେ ପହଂଚିବ । ଆସନ୍ତା ଶନିବାର ଦିନ୧୧ଟାରେ ପରିବର୍ଦ୍ଧିତ ବୈଠକରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ସମେତ କୃଷକ ସଂଗଠନମାନଙ୍କ ନେତୃବୃନ୍ଦ ଯୋଗଦେବାକୁ ଆବାହକ ତଥା ଟିୟୁଏସିସିର ସାଧାରଣ ସଂପାଦକ ନିବେଦନ କରିଛନ୍ତି ।



ବୁଧବାରଦିନ ପୂର୍ବାହ୍ନରେ ବରିଷ୍ଠ କୃଷକନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ଉଠାଜଳ ସେଚନ କର୍ମଚାରୀ ସଂଘଗୃହରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଭାଗବତ ପ୍ରତିହାରୀ, ଶିଶିରହୁଇ, ସୀତାଂଶୁ ସେନାପତି, ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ରାଜକିଶୋର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ଦଶ ତାରିଖ ଗଣବିକ୍ଷୋଭ ସଫଳ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଭରତ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତିର ଧାରଣା



ଜଳେଶ୍ୱର(ନିପ୍ର): ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସୁଧାର ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଏବଂ କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଅଧିକାର ଦାବୀରେ ଜଳେଶ୍ୱର ବ୍ଲକ ଅଫିସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ଆୟୋଜିତ ସଭାରେ ଓଷ୍ଟା ଶାଖା ସଭାପତି ସୁକୁମାର ମିଶ୍ର ସଭାପତିତ୍ୱ କରି ଯୋଗ୍ୟ ବିବେଚିତ ବିଦ୍ୟାଳୟ, ମହାବିଦ୍ୟାଳୟ କୁ ଅନୁଦାନ ପ୍ରଦାନ, ସେଥିରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କ ଚାକିରି ସର୍ତାବଳୀ ଓ ପେନସନ୍ ପ୍ରଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଶିକ୍ଷକଙ୍କ ଯଥାର୍ଥ ଦାବିକୁ ସମର୍ଥନ କରିବା ସହିତ ବିଧାନ ସଭାରେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି ।ରାଜ୍ୟ ଅଷ୍ଟା ସଭାପତି ଅକ୍ଷୟ ମିଶ୍ର, ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ଶାଖା ସମ୍ପାଦକ ତଥା ସଂଯୋଜକ ହରେକୃଷ୍ଣ ଜେନା ପ୍ରମୁଖ ସମସ୍ତ ନୂତନ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ସହ ସରକାରୀ କରଣ କରିବାକୁ ଦାବୀ ରଖିଥିଲେ । ପୌରାଧକ୍ଷ ପ୍ରତିପ୍ କୁମାର ପ୍ରଧାନ, ସମାଜସେବୀ କମଳ କୁମାର ଚକ୍ରବର୍ତୀ, ବିଜେପି ରୁ ଇଂ ରତ୍ନାକର ରାୟା, ବାମ ଦଳରୁ ଦିଲ୍ଲୀପ ଗିରି, ମମତା ସାହୁ, କଂଗ୍ରେସରୁ ଜଗଦିଶ ନନ୍ଦୀ, ପଦ୍ମଲୋଚନ ବେହେରା, ବିଜେଡି ରୁ ଆନନ୍ଦ କର, ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ, ଅବସର ବୟସ ସୀମା ବଢାଇବା ସହିତ ଗ୍ରେଡ଼ ପେ ରେ ଅସଙ୍ଗତି ଦୂରକରିଣ, ନୂତନ ପେନସନ ପରିବର୍ତେ ପୂରାତନ ପେନସନ ସ୍କିମ ପୁନଃ ପ୍ରଚଳନ, ୨୦୦୪ ରୁ ୨୦୧୩ ମଧରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତିକ ଶିକ୍ଷକ ମାନଙ୍କୁ ୬ଟି ନେସନାଲ ଇନକ୍ରିମେଂଟ ବରିଷ୍ଠତା ପ୍ରଦାନ ସମ୍ପର୍କରେ ଦାବି ରଖିଥିଲେ । ସରୋଜ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ରଖିଥିବା ବେଳେ, କୁମୁଦ ରଞ୍ଜନ ଜେନା, ହରମୋହନ ମହନ୍ତ, ପରେଶ ଚନ୍ଦ୍ର କାମିଲା ଖଗେନ୍ଦ୍ର ନାଥ ପାଳ, କେଶବ ଚନ୍ଦ୍ର ପରିଡା, ହରିଶଙ୍କର ମହାନ୍ତି, ବିଜୟ ଗିରି, ରବୀନ୍ଦ୍ର କୁମାର ପାଳ, ମନୋରଞ୍ଜନ ଦତ, ନାରାୟଣ ପରିଡ଼ା ପ୍ରମୁଖ ଶତାଧିକ ଶିକ୍ଷକ, କର୍ମଚାରୀ ଉପସ୍ଥିତ ହୋଇ ସରକାର ଙ୍କ ପ୍ରତିଶ୍ରୁତି ପୂରଣ କରିବାକୁ ଦାବୀ ରଖିଥିଲେ । ଦସ୍ତଖତ ସମ୍ବଳିତ ୪ ଦଫା ଦାବି ପତ୍ର କୁ ବିଡ଼ିଓ ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ,ଗଣ ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ରଥଯାତ୍ରାରେ ବି.ଏମ. ଫାଉଣ୍ଡେସନ ପକ୍ଷରୁ ସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର: ଚଳିତ ବର୍ଷର ପବିତ୍ର ରଥଯାତ୍ରା ଅବସରରେ ପୁରୀକୁ ଆସିଥିବା ଅଗଣିତ ଭକ୍ତଙ୍କ ସେବା ଉଦ୍ଦେଶ୍ୟରେ ବି.ଏମ. ଫାଉଣ୍ଡେସନ ଏବଂ ବି.ଏମ. ଆଲାଏନ୍ସ କନ୍ସଲଟାନ୍ସି ସର୍ଭିସେସ ପକ୍ଷରୁ କ୍ରମାଗତ ୯ ଦିନ ଧରି ମାଗଣାରେ ସୁସ୍ୱାଦୁ ରନ୍ଧା ଖାଦ୍ୟ, ବିଭିନ୍ନ ବ୍ୟଞ୍ଜନ, ଦହି ସରବତ, ଲେମ୍ବୁ ପାଣି ଓ ସ୍ୱଚ୍ଛ ପାନୀୟ ଜଳ ବୋତଲ ବଂଟନ କରାଯାଇଥିଲା । ଏହି ସେବା କାର୍ଯ୍ୟକ୍ରମ ବି.ଏମ. ଫାଉଣ୍ଡେସନର ସଭାପତି ଡ଼ଃ ବ୍ରଜ କିଶୋର ପଣ୍ଡା ଏବଂ ବି.ଏମ. ଆଲାଏନ୍ସର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ମୀରା ମିଶ୍ରଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସମ୍ପାଦିତ ହୋଇଥିଲା । ପ୍ରାୟ ୧୫୦ରୁ ଅଧିକ ସାମାଜିକ କର୍ମୀ ଓ ବି.ଏମ. ଆଭାସୀ ସାକ୍ଷରତା ଅଭିଯାନର ସ୍ୱେଚ୍ଛାସେବୀ ମାନେ ପୁରୀ ବଡ଼ଦାଣ୍ଡର ବଡ଼ଶଙ୍ଖ ଛକସ୍ଥିତ ବି.ଏମ. ଫାଉଣ୍ଡେସନ ଖାଦ୍ୟ ଶିବିରରେ ଯୋଗଦେଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇଥିଲେ । ଏହା ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ମୁକ୍ତ ଆକାଶ ରଙ୍ଗ ମଂଚରେ ବି.ଏମ. ଫାଉଣ୍ଡେସନ ଓ ବି.ଏମ. ଆଲାଏନ୍ସର ପ୍ରାୟୋଜନରେ ଓଡ଼ିଶୀ ନୃତ୍ୟ, ସଂଗୀତ ଏବଂ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିବର୍ଷ ପରି ରଥ ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ଅବସରରେ ପରିବେଶ ସୁରକ୍ଷାର ବାର୍ତା ପ୍ରଚାର ପାଇଁ ବି.ଏମ. ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ । ଏହି ସେବା କାର୍ଯ୍ୟରେ କାମ୍ୟା ପଣ୍ଡା, ସତ୍ୟ ନାରାୟଣ ଜେନା, ସତ୍ୟବ୍ରତ ଦାସ, ମନୋରଞ୍ଜନ ସାମଲ, ସତ୍ୟ ପଣ୍ଡା, ଗିରିଧାରୀ ପଣ୍ଡା, ସାଇ ସୁବାଶିଷ ମିଶ୍ର, ରମେଶ ପ୍ରଧାନ, ଦିଲ୍ଲୀପ ସ୍ୱାଇଁ, ବିଶ୍ୱଜିତ ଓଝା, ହରିହର ସାହୁ, ବୀର ସାହୁ, ସଞ୍ଜୟ ଜେନା, ଜନ୍ମେଜୟ ପ୍ରଧାନ, ପ୍ରଜ୍ଞାନ ପ୍ରଧାନ, ଦେବୀ ଦାସ,ଜଗଦୀଶ ସାହୁ ବାଲୁଙ୍କେଶ୍ୱର ମାଝୀ, ସୌଦାମିନୀ ସ୍ୱାଇଁ, ମାମା ସାହୁ, ସୋନାଲି ସ୍ୱାଇଁ, ଜୟନ୍ତୀ ସ୍ୱାଇଁ, ପାୟଲ ସ୍ୱାଇଁ, ଶିବ ଦାସ ଏବଂ ବିଶ୍ୱ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶିବିର ଉଦଯାପନ ସମୟରେ ବି.ଏମ. ଫାଉଣ୍ଡେସନର ସଭାପତି ଡ଼ଃ ବ୍ରଜ କିଶୋର ପଣ୍ଡା, ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶରଣାପନ୍ନ ହୋଇ ସମାଜସେବାର ପରମ ଆନନ୍ଦ ଅନୁଭବ କରିବା ସହିତ ମାନବ ସେବା ହିଁ ମାଧବ ସେବାର ଉତ୍କୃଷ୍ଟ ଉଦାହରଣ ସ୍ଥାପନରେ ସାମିଲ ହେବା ପାଇଁ ଆହ୍ୱାନ ଜଣାଇଥିଲେ ।

# ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




କଟକ(ନିପ୍ର): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା)ର କାର୍ଯ୍ୟନିର୍ବାହୀ ପରିଷଦ, ପୂର୍ବ ହଷ୍ଟେଲ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଡକାଯାଇଥିବା ସରକାରୀ ବୈଠକରେ ବିଶ୍ୱବିଦ୍ୟାଳୟ ପ୍ରଶାସନର କାର୍ଯ୍ୟରେ କଟକ ସଦର ବିଧାୟକଙ୍କ ହସ୍ତକ୍ଷେପକୁ ଦୃଢ଼ ନିନ୍ଦା କରୁଛି । କାର୍ଯ୍ୟ ନିର୍ବାହୀ ପରିଷଦର ବିଚାରିତ ମତ ହେଉଛି ଯେ ବିଶ୍ୱବିଦ୍ୟାଳୟର ପ୍ରଶାସନ, ଏହାର ଛାତ୍ରାବାସ ସମେତ, ବିଶ୍ୱବିଦ୍ୟାଳୟର ଆଇନ, ଅଧ୍ୟାଦେଶ, ନିୟମ ଏବଂ ପ୍ରତିଷ୍ଠିତ ପ୍ରକ୍ରିୟା ଦ୍ୱାରା ପରିଚାଳିତ ହୁଏ । ବିଶ୍ୱବିଦ୍ୟାଳୟର କର୍ତୃପକ୍ଷ ଏବଂ କାର୍ଯ୍ୟକର୍ତାଙ୍କ ଦ୍ୱାରା ସରକାରୀ ଦାୟିତ୍ୱ ନିର୍ବାହ ବାହ୍ୟ ହସ୍ତକ୍ଷେପ କିମ୍ବା ପ୍ରଭାବରୁ ମୁକ୍ତ ରହିବା ଉଚିତ । କାର୍ଯ୍ୟନିର୍ବାହୀ ପରିଷଦ ଆହୁରି ଦୃଢ଼ କରେ ଯେ ପ୍ରତ୍ୟେକ ଶିକ୍ଷକ ଏବଂ ବିଶ୍ୱବିଦ୍ୟାଳୟର କର୍ମକର୍ତା ସରକାରୀ କର୍ତବ୍ୟ ପାଳନ କରିବା ସମୟରେ ମର୍ଯ୍ୟାଦା ଏବଂ ସମ୍ମାନ ପାଇବାର ହକଦାର । ଏହି ମୂଲ୍ୟବୋଧ ଗୁଡ଼ିକୁ ହାନି କରୁଥିବା କିମ୍ବା ବିଶ୍ୱବିଦ୍ୟାଳୟର ସ୍ୱାୟତତାକୁ କ୍ଷୁର୍ଣ୍ଣ କରୁଥିବା ଯେକୌଣସି ଆଚରଣ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ନୀତି ସହିତ ଅସଙ୍ଗତ । ତେଣୁ କାର୍ଯ୍ୟ ନିର୍ବାହୀ ପରିଷଦ ମାନ୍ୟବର ଉପ-ଚାନ୍ସଲରଙ୍କୁ ଅନୁରୋଧ କରିବାକୁ ନିଷ୍ପତି ୧. ବିଷୟଟିର ଉପଯୁକ୍ତ ଜ୍ଞାନ ନିଅନ୍ତୁ । ୨. ବିଶ୍ୱବିଦ୍ୟାଳୟର ସ୍ୱାୟତତା ଏବଂ ବୈଧାନିକ ପ୍ରକ୍ରିୟାକୁ ବଜାୟ ରଖିବା ନିଶ୍ଚିତ କରନ୍ତୁ । ୩. ଉପଯୁକ୍ତ ବିଚାର ପାଇଁ ଏହି ପ୍ରସ୍ତାବକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତିଙ୍କ ନିକଟକୁ ପଠାନ୍ତୁ । ୪. ଶିକ୍ଷକଙ୍କ ମର୍ଯ୍ୟାଦା ଏବଂ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ପ୍ରକ୍ରିୟାର ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବିବେଚିତ ଆହୁରି ପଦକ୍ଷେପ ଗ୍ରହଣ କରନ୍ତୁ । ୫. ରୁଟା ପ୍ରସ୍ତାବ ଦେଇଛି ଯେ ବିଶ୍ୱବିଦ୍ୟାଳୟ ଉପଯୁକ୍ତ ପ୍ରକ୍ରିୟାଗତ ମାନଦଣ୍ଡ ବିକଶିତ କରିବ ଯାହା ଦ୍ୱାରା ପ୍ରଶାସନିକ ପ୍ରସଙ୍ଗରେ ଅଂଶଗ୍ରହଣ କରିବାକୁ କିମ୍ବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଥିବା ଯେକୌଣସି ନିର୍ବାଚିତ ଜନପ୍ରତିନିଧି କିମ୍ବା ବାହ୍ୟ କର୍ତୃପକ୍ଷଙ୍କୁ କେବଳ ଉପ-ଚାନ୍ସଲର କିମ୍ବା ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମୋଦନ ସହିତ ଏହା କରିବାକୁ ପଡିବ ।

# ରୋଟାରୀ କ୍ଲବ ଓ ସାମ୍ବାଦିକ ଭବନ ସଭ୍ୟମାନଙ୍କ ମିଳିତ ଅନୁକଲ୍ୟରେ ମେଗା ରକ୍ତଦାନ ଶିବିର




ନୟାଗଡ଼(ନିପ୍ର): ନୟାଗଡ଼ ସାମ୍ବାଦିକ ଭବନରେ ଆଜି ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଆବାହକତ୍ୱରେ ରୋଟାରୀ କ୍ଲବ ଓ ସାମ୍ବାଦିକ ଭବନ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଶିବିରକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷ ନିରୂପମା ଖଟେଇ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଜୀବନ ପାଇଁ ରକ୍ତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ନୟାଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । କଜଳାଇପଲ୍ଲୀ ମେଡିକାଲ ଅଫିସର ଡା. ଅବିନାଶ ଶତପଥିଙ୍କ ନେତୃତ୍ୱରେ ଅଜୟ କୁମାର ପଟ୍ଟନାୟକ, ପବିତ୍ର ମୋହନ ସାହୁ, ସସ୍ମିତା ଦାଶ, ରବୀନ୍ଦ୍ର ନାଥ ସାହୁଙ୍କ ସମେତ ବହୁ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ମୋଟ ୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଜେପି ନେତା ସନ୍ତୋଷ ପ୍ରଧାନ, ଟିପିସିଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ ମହାପାତ୍ର, ବିଶିଷ୍ଟ ବ୍ୟବସାୟୀ ତାପସ ରଞ୍ଜନ ପାଢ଼ୀ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଓ ରଞ୍ଜନ ଶତପଥି, ଶିକ୍ଷକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସାମ୍ବାଦିକ ଭବନ ସମ୍ପାଦକ ଅନୀଲ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ ରକ୍ତଦାନ ଶିବିରରେ ରୋଟାରିଆନ୍ ବାସୁଦେବ ସାହୁ, ଅବିନାଶ ସାହୁ, ପ୍ରକାଶ ପଟ୍ଟନାୟକ, ଜି. ରଶ୍ମିରାଜ, ନିରଞ୍ଜନ ପାତ୍ର, ପ୍ରବୀର ପୃଷ୍ଟି, ଧିରେନ୍ଦ୍ର ପଟ୍ଟନାୟକଙ୍କ ସମେତ ସାମ୍ବାଦିକ ଭବନର ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ୟୁନିଟେକ୍ ରେସିଡେନ୍ସିଆଲ୍ ମହାବିଦ୍ୟାଳୟ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ସାମର୍ଥ ଏଡାକେମୀ, ଆଚାର୍ଯ୍ୟ ଏକାଡେମୀ ଛାତ୍ରଛାତ୍ରୀମାନେ ଏହି ରକ୍ତଦାନ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ । ନୟାଗଡ଼ ରକ୍ତ ଭଣ୍ଡାର ଦ୍ୱାରା ଚଳିତ ବର୍ଷ ଆୟୋଜିତ ହୋଇଥିବା ବିଭିନ୍ନ ରକ୍ତଦାନ ଶିବିର ମଧରେ ଏହି ଶିବିରରେ ସବୁଠାରୁ ଅଧିକ ରକ୍ତ ସଂଗ୍ରହ ହୋଇଥିବା କର୍ମଚାରୀମାନେ ସୂଚନା ଦେଇଛନ୍ତି ।

# ବନ୍ୟାପରେ ଗେଙ୍ଗୁଟି ନଦୀବନ୍ଧ ଧସିବାରୁ ଆତଙ୍କିତ ଗ୍ରାମବାସୀ



ଧାମନଗର(ନିପ୍ର): ଧାମନଗର ରେ ଯେପରି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା ତାହା ଅବର୍ଣ୍ଣନୀୟ । ତେବେ ବନ୍ୟା ଛାଡ଼ିବା ପରେ ଧିରେ ଧୀରେ ସ୍ଥିତି ସୁଧୁରୁ ଥିବା ବେଳେ ଏବେ ବେ ଲୋକଙ୍କ ଅବସ୍ଥା ସୁଧୁରି ନାହିଁ । ଦଳାଙ୍ଗ ପଂଚାୟତର ଜାହାଙ୍ଗୀର ଭୋଇସାହି ନିକଟରେ ଗେଙ୍ଗୁଟି ନଦୀର ବାମପାର୍ଶ୍ୱ ବନ୍ଧର ପ୍ରାୟ ୫୦ ମିଟର ରେ ନଦୀ ଭିତରକୁ ବୁଧବାର ଦିନ ଧସିଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ବନ୍ଧ ଉପରେ ଥିବା ନାଲିଗୋଡ଼ି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଓ ବିଭିନ୍ନ ଯାନବାହନ ଯାତାୟାତ କରୁଛନ୍ତି । ବନ୍ଧ ଧସିବା ପରେ ବର୍ତମାନ ଅବଶିଷ୍ଟ ସଂକୀର୍ଣ୍ଣ ଅଂଶ ଦେଇ ବିପଦସଙ୍କୁଳ ଭାବେ ଯାତାୟାତ ଚାଲିଥିବା ବେଳେ ଅବଶିଷ୍ଟ ମାଟି ମଧ ଧୀରେ ଧୀରେ ଖସୁଥିବା ଦେଖାଯାଉଛି । ଆଗାମୀ ଦିନରେ ସାମାନ୍ୟ ବର୍ଷା କିମ୍ବା ନଦୀରେ ଜଳସ୍ତର ବୃଦ୍ଧି ହେଲେ ଦୁର୍ବଳ ବନ୍ଧଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇପାରେ । ଏଭଳି ସ୍ଥିତିରେ ଗ୍ରାମର ଶତାଧିକ ପରିବାର ପ୍ରଭାବିତ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିପାରେ । ଏନେଇ ତୁରନ୍ତ ବନ୍ଧର ମରାମତି ଓ ସୁଦୃଢ଼ୀକରଣ କରିବା ପାଇଁ ଜଳସମ୍ପଦ ବିଭାଗ ନିକଟରେ ଦାବି କରିଛନ୍ତି । ଏନେଇ ଆଜି ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଧାମନଗର ପଂଚାୟତ ସମିତିର ପୂର୍ବତମ ଅଧକ୍ଷ ଆଶୋକ ନାୟକ,ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସୁଶାନ୍ତ ରାଉତ । ସନ୍ଦୀପ ଶେଖର ସ୍ୱାଇଁ, ବିରଜା ରାଉତ୍ ଓ ସ୍ଥାନିୟ ସରପଂଚ ରଞ୍ଜିତ ଜେନା । ପ୍ରମୁଖ ପରିଦର୍ଶନ କରିଥିଲେ । ତେବେ ତୁରନ୍ତ ଉକ୍ତ ସ୍ଥାନରେ ଯୁଦ୍ଧକାଳୀନ ଭିତିରେ ମରାମତି କରା ଯିବ, ପାଣି ଛାଡିବା ପରେ ଅନେକ ସ୍ଥାନରେ ଏପରି ପରିସ୍ଥିତି ସୃଷ୍ଟି ହୁଏ କୌଣସି ଭୟ କରିବାର ନାହିଁ ବୋଲି ଜଳସେଚନ ବିଭାଗ ର ଏସ ଡି ଓ ଶମ୍ଭୁନାଥ ମଲିକ କହିଛନ୍ତି ।

# କୋରେଇରେ ବିରୋଧୀ ଭୂମିକାରେ ବିଜେଡି ବିଫଳ

କୋରେଇ(ନିପ୍ର): ଦୀର୍ଘ ବର୍ଷଧରି କୋରେଇ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ଅଧୀନରେ ଥିବା ବେଳେ ଗତ ୨୦୨୪ ସାଧାରଣ ନିର୍ବାଚନ ରେ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧରେ ହୋଇଥିଲା ମହା ଲଢେଇ ହୋଇଥିଲା, କାରଣ ଗୋଟେ ପଟେ ବିଜେଡି ପକ୍ଷରୁ ଦଳର ହେବିୱେଟ ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମା ସନ୍ଧ୍ୟାରାଣି ଦାସ ଲଢୁଥିବାବେଳେ ଅନ୍ୟପଟେ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ଲଢୁଥିଲେ ନାମକଙ୍କ ସମୟରେ ବିଜେଡି ର ପାଲା ଭାରିଥିଲା ପରି ଲାଗୁଥିଲା କିନ୍ତୁ ନିର୍ବାଚନ କେତେ ପାଖେଇ ଆସୁଥାଏ ବିଜେପି ସେତେ ସକ୍ରିୟ ହେବାକୁ ଲାଗୁଥାଏ ବହୁ ବାଦ ବିବାଦ ପରେ ନିର୍ବାଚନ ସରିଲା ଓ ଭୋଟ ଗଣତି ଆରମ୍ଭ ହୋଇଥିଲା ସର୍ବମୋଟ ୧୬୫୯୨୫ ଖଣ୍ଡ ଭୋଟ ଗ୍ରହଣ କରାଯାଇଥିଲା ସେଥିମଧରୁ ଭାରତୀୟ ଜନତା ପାର୍ଟି ଟିକେଟ ରେ ଲଢ଼ିଥିବା ଆକାଶ ଦାସନାୟକ ପାଇଥିଲେ ୭୯୬୫୮ ଖଣ୍ଡ ଭୋଟ ବିଜୁ ଜନତା ଦଳ ଟିକେଟରେ ଲଢ଼ିଥିବା ସନ୍ଧ୍ୟାରଣି ଦାସ ପାଇଥିଲେ ୭୪୦୧୨ ଖଣ୍ଡ ଭୋଟ ଏବଂ କଂଗ୍ରେସ ଟିକେଟରୁ ଲଢ଼ିଥିବା ବନ୍ଦିତା ପରିଡ଼ା ପାଇଥିଲେ ୮୧୭୭ ଖଣ୍ଡ ଭୋଟ ଓ ନୋଟା ରେ ଭୋଟ ପଡ଼ିଥିଲା ୭୪୬ ଖଣ୍ଡ ଭୋଟ ଅର୍ଥାତ୍ ଆକାଶ ଦାସନାୟକ ୫୬୪୬ ଖଣ୍ଡ ଅଧିକ ପାଇ ନିର୍ବାଚନ ବୈତରଣୀ ଜିତିଥିଲେ ଓ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ କିନ୍ତୁ ଏଠି ବିଡ଼ମ୍ବନାର ବିଷୟ ଏହିକିଯେ ଯେତେବେଳେ ସରକାରକୁ ଦୁଇ ବର୍ଷ ପୁରିଛି ବିଧାୟକଙ୍କ ସମୟ କାଳ ଦୁଇବର୍ଷ ସରିଛି କିନ୍ତୁ ବାସ୍ତବରେ କୋରେଇ ରେ କେତେ ବିକାଶ ହେଇଛି କେତେ ବିନାଶ ହୋଇଛି ତାହା ବର୍ତମାନ ସମସ୍ତ କୋରେଇ ବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ସାଧାରଣ ଲୋକଙ୍କ କହିବା ଅନୁଯାୟୀ କୋରେଇ ରେ ସବୁଠୁ ଦୁର୍ନୀତି ହେଉଛି ସାଧାରଣ ଲୋକ ମାନେ ହଇରାଣ ହେଉଛନ୍ତି, ସରକାରୀ ଯୋଜନା ଗୁଡିକ ତଳସ୍ତର ଲୋକଙ୍କ ପାଖରେ ପହଂଚିପାରୁନାହିଁ, ପୂର୍ବସରକାର ସମ୍ପୂର୍ଣ୍ଣ ହୋଇଥିବା ୨୦୦ କୋଟିର ଟ୍ରୋମା କେୟାର କାର୍ଯ୍ୟକ୍ଷମ ହୋଇପାରୁନାହିଁ, କୋରେଇ ଭବନ ର ଅଧାଗଢା ହୋଇ ପଡ଼ିରହିଛି, ଲଘୁଖଣିଜ ଭଳି ପଦାର୍ଥ ବେଆଇନ ଭାବେ ଲୁଟ୍ ହେଉଛି, ରାସ୍ତା ଘାଟ ଅବସ୍ଥା ସ୍ୱଚନୀୟ ହୋଇପଡ଼ିଛି । ସ୍ୱାସ୍ଥ୍ୟ, ଶିକ୍ଷା ବ୍ୟବସ୍ଥା ରେ ସୁଧାର ଆସିପାରୁ ନାହିଁ, ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯୋଜନା ପହଂଚି ପାରୁନାହିଁ ତେବେ ଏହିଭଳି ପରିସ୍ଥିତି ରେ ମୁଖ୍ୟ ବିରୋଧୀ ଦଳ ନୀରବ ରହିଛି ଏହା ପଛର କାରଣ କଣ ଥାଇପାରେ ବୋଲି ସମସ୍ତେ ପ୍ରଶ୍ନ କରୁଛନ୍ତି ଯେତେବେଳେ ବିଜେଡି ୭୪୦୧୨ ଖଣ୍ଡ ପାଇଥିଲା ଅର୍ଥାତ୍ କୋରେଇ ରେ ବିଜେଡି କୁ ଭଲ ପାଉଥିବା ଲୋକ ବିଜେପି ଅପେକ୍ଷା ମାତ୍ର ୩.୦୪ ଶତକଡା କମ ତେବେ ଏତେ ମାତ୍ରାରେ ସମର୍ଥକ ଥିବା ଅଂଚଳରେ ବିରୋଧୀ ଯଦି ବିରୋଧ ନ କରି ନୀରବ ରହିଛି ତେବେ କେଉଁଠି କେଉଁଠି ବିଜେଡି ଉପରେ ତାଙ୍କ ସମର୍ଥଙ୍କ ଭଲ ପାଇବା ବା ସମର୍ଥନ କହିବାରେ ଲାଗିଛି ବୋଲି ଦେଖିବାକୁ ମିଳୁଛି ସାଧାରଣ ରେ ଚର୍ଚ୍ଚା ହେଉଛି ବିଜେଡି ନୀରବ ରହିବାର କାରଣ ଅର୍ଥ ହୋଇଥାଇପାରେ ବୋଲି କିନ୍ତୁ ଅନ୍ୟପଟେ ରାଜନୈତିକ ସମୀକ୍ଷକ ମାନେ କହୁଛନ୍ତି ପୂର୍ବରୁ ବିଜେଡି କରିଥିବା ଦୁର୍ନୀତି ଉପରେ ଚାଦର ଘୋଡେଇବା ପାଇଁ ବିଜେଡି ସରକାରୀ ଦଳ ପାଖରେ ନୀରବ ରହିବାର ଚୁକ୍ତି କରିଛି ବୋଲି । ତେବେ ଏଠି ଏକ ଗମ୍ଭୀର ପ୍ରଶ୍ନ ସାମ୍ନାକୁ ଆସୁଛି ଏତେ ସଂଖ୍ୟକ ଭୋଟର ପାଇଁ କୋରେଇ ବାସୀଙ୍କ ପାଇଁ ସ୍ୱାର୍ଥ କୁ ନ ଦେଖି ନିଜର ଦଳୀୟ ସ୍ୱାର୍ଥ ବା ନେତାଙ୍କ ସ୍ୱାର୍ଥକୁ ନଜର ରେ ରଖି ଏହିପରି ସରକାରୀ ଦଳ ସହିତ ସାଲିସ କରିବା କେତେଦୂର ଗ୍ରହଣ ଯୋଗ୍ୟ । ଏହି କାର୍ଯ୍ୟ ଯୋଗୁ ସାଧାରଣଙ୍କ ସହିତ ନିଜ ଦଳର କର୍ମୀଙ୍କ ର ବି ବିଜେଡି ଉପରୁ ଆସ୍ଥା ବିଶ୍ୱାସ ରହୁନାହିଁ ଏହି ଫଳ ରେ ବିଜେଡି ଛାଡ଼ି ବିଜେପି ରେ ହଜାର ହଜାର ସଂଖ୍ୟାରେ ମିଶୁଛନ୍ତି ଓ ବିଜେପି କୁ ବଳବାନ କରୁଛନ୍ତି ଓ ବିଜେଡି ଅର୍ଥାତ୍ ମୁଖ୍ୟ ବିରୋଧୀ ଦଳ ଦୁର୍ବଳ ହେବାରେ ଲାଗିଛି ତେବେ ଏହି ପ୍ରକ୍ରିୟା ଯଦି ଲାଗିରହେ ଆଗାମୀ ପଂଚାୟତ ନିର୍ବାଚନ ରେ ବିଜେଡି ମୂଳସୁନ୍ ହୋଇଯିବ ବୋଲି ଚର୍ଚ୍ଚା ହେଉଛି ପଂଚାୟତ ନିର୍ବାଚନ ସମୟରେ ସମସ୍ତ ପଂଚାୟତ ଓ ମୁନସିପାଲ୍ଟିରେ ନିଜର ପ୍ରାର୍ଥୀ ଦେଇପାରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେବେ ବିଜେଡି ଏହିଭଳି କାର୍ଯ୍ୟକଳାପ ଦେଖି ବିରୋଧୀ ର ଭୂମିକା କୋରେଇ ରେ ବିଜେଡି ତୁଲାଇ ପାରୁନାହିଁ ବୋଲି ଚର୍ଚ୍ଚା ହେଉଛି, ଯଦି ଏହା ସବୁ ବିଜେଡି ର ଉପରସ୍ତ ନେତା ଜାଣନ୍ତି ନାହିଁ ବା ଜାଣିଶୁଣି ସିଏ ବି ନୀରବ ରହିଥାନ୍ତି ତେବେ ଆଗାମୀ ଦିନରେ ବିଜେଡିର ପତାକା ଖଣ୍ଡେ କୋରେଇ ରେ ଦେଖିବା ସାତ ସ୍ୱପ୍ନ ହୋଇଯିବ ବୋଲି ଆଲୋଚନା ହେଉଛି ।

# ବାରବୁଲାଙ୍କ କବ୍‌ଜାରେ ରେଳ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ

ସୋର(ନିପ୍ର)- ଗତ କିଛିଦିନ ହେଲା ସୋର ରେଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ବେଳେ କେତେକ ବାରବୁଲା ଦୀର୍ଘ ଦିନ ଧରି ଏକ ନମ୍ବର ପ୍ଲାଟଫର୍ମକୁ କବ୍‌ଜା କରିକରି ରଖିଛନ୍ତି । ଯାହା ଫଳରେ ଯାତ୍ରୀମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ଯାତ୍ରୀମାନେ ଷ୍ଟେସନ କର୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ପଦକ୍ଷେପ ନେଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତ୍ୟେକ ଦିନ ବିଭିନ୍ନ ଆଡୁ ବାରବୁଲା, ଯାଯାବରମାନେ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ଠୁଳ ହୋଇ ଷ୍ଟେସନ ଶୌଚାଳୟରେ ଗାଧୁଆପାଧୁଆ କରିବା ସହିତ ମଦ ମାଂସ ଖାଇ ଅପରିଷ୍କାର କରୁଥିବା ଦେଖିବାକୁ ମିଳିଛି । ଷ୍ଟେସନରେ ଲାଗିଥିବା ପାଣି ଟେପରେ ଲୁଗାକାଚିବା ସହିତ ନିଜ ଘର ଭଳି ଲୁଗା ଶୁଖାଇ ରାତ୍ରୀଯାପନ କରୁଛନ୍ତି । ପ୍ଲାଟଫର୍ମରେ ଝାଡ଼ା ପରିଶ୍ରା କରିବା ସହିତ ଅଳିଆ ଅବର୍ଜନା ଗଦା କରୁଛନ୍ତି । ଅଧିକାଂଶ ସମୟରେ ପାଣି ଟେପ ଗୁଡ଼ିକୁ ଖୋଲି ବିକ୍ରି କରି ଦେଉଛନ୍ତି । ଫଳରେ ଯାତ୍ରୀମାନେ ପାଣି ପାଇପାରୁ ନାହାଁନ୍ତି । ଯାହା ଦ୍ୱାରା ଷ୍ଟେସନରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏ ସଂପର୍କରେ ଷ୍ଟେସନ ମ୍ୟାନେଜର ଏବଂ ଆରପିଏଫମାନେ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଯାତ୍ରୀମାନେ ଦାବି କରିଛନ୍ତି ।



# ସ୍ୱାସ୍ଥ୍ୟ

## ପିଲାଙ୍କ ପାଇଁ ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ

◆ ଜୟନ୍ତୀ ପଣ୍ଡା



ପିଲାମାନଙ୍କର ଉଭୟ ଶାରୀରିକ ଏବଂ ମାନସିକ ବିକାଶ ପଛରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ପିଲାମାନେ ଚଟପଟି ଖାଦ୍ୟ, ଫାଷ୍ଟଫୁଡ ଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି । ହେଲେ ସେମାନଙ୍କ ଖାଦ୍ୟପେୟ ପ୍ରତି ମା'ବାପା ସଚେତନ ହେବା ଆବଶ୍ୟକ । ଛୋଟପିଲାଙ୍କୁ ଏ ବିଷୟରେ ଭଲ ଭାବରେ ବୁଝାଇଲେ ସେମାନେ ସେ ବିଷୟରେ ଜାଣିପାରିବେ । ପିଲାମାନେ ଏପରି ଖାଦ୍ୟ ଖାଆନ୍ତୁ, ଯଦ୍ୱାରା ଶରୀରକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ । ସେମାନଙ୍କ ଖାଦ୍ୟ ତାଲିକାରେ ସେଓ, ନାସପାତି ଆଦି ଫ୍ରୁଟ୍ସ ସାମିଲ କରନ୍ତୁ । ତଟକା ଫଳମୂଳରେ ଭିଟାମିନ 'ଇ' ଓ 'ସି' ଭଳି ଆଂଟିଅକ୍ସିଡାଂଟ ଭରପୁର ମାତ୍ରାରେ ରହିଛି । ଏଭଳି ତତ୍ତ୍ୱ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ପିଲାଙ୍କ ଶରୀର ବିକାଶ ଲାଗି ପ୍ରତିଦିନ ଅଣ୍ଡା ଖାଇବା ଆବଶ୍ୟକ । ଏହା ଶରୀରରେ ମାନସିକ ବିକାଶରେ ସାହାଯ୍ୟ କରିଥାଏ । ପିଲାମାନେ ବିଶେଷକରି ପ୍ରୋଟିନ, ଭିଟାମିନ ବି, ଭିଟାମିନ ଡି ଓମେଗା-୩ ଫ୍ୟାଟି ଏସିଡ ଓ ଫଲିକ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । ଏପରି ଖାଦ୍ୟ ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିଥାଏ । ପିଲାଙ୍କ ଶାରୀରିକ ତଥା ମାନସିକ ବିକାଶରେ ଡ୍ରାଏ ଫ୍ରୁଟ୍ସର ଆବଶ୍ୟକତା ରହିଛି । ଯେତେ ପ୍ରକାର ନଟ୍ସ ଅଛି ପିଲାଙ୍କୁ ଦିଅନ୍ତୁ । କାରଣ ଏଥିରେ ପ୍ରୋଟିନ ରହିଛି । ଆଜିକାଲିର ପିଲାମାନେ ନିଜର ବୟସ ଅନୁସାରେ ଖାଦ୍ୟ ପସନ୍ଦ କରିଥାଆନ୍ତି । ପୁଣି ଛୋଟ ପିଲାଙ୍କର ଚଟପଟିଜାତୀୟ ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ । ମାତ୍ର ସେତେବେଳେ ବୁଝିପାରନ୍ତି ନାହିଁ ଯେ, ଏହି ବୟସରେ କେଉଁ ଖାଦ୍ୟ ଖାଇବା ଠିକ ବା ଭୁଲ । ତେଣୁ ଏ ସମୟରେ ମା'ବାପା ପିଲାମାନଙ୍କୁ ଜଗିବା ଦରକାର । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନେ ଯେଉଁ ଖାଦ୍ୟ ଖାଉଛନ୍ତି ତାହା ହାଇଜେନିକ ହେବା ନିହାତି ଜରୁରୀ । ସେମାନେ ବାହାର ଖାଦ୍ୟ ଯେତେ କମ ଖାଇବେ ତାହା ସେମାନଙ୍କ ପାଇଁ ସେତେ ଭଲ । ପିଲାମାନଙ୍କୁ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସବୁବେଳେ ଦେଲେ ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ଠିକ ଭାବରେ ହୋଇଥାଏ । ପିଲାଙ୍କ ବ୍ରେନ ଡେଭଲପମେ[ ପାଇଁ କୋଲେଷ୍ଟରଲ ଯୁକ୍ତ ଖାଦ୍ୟ ନିହାତି ଜରୁରୀ । ସେଥିପାଇଁ ତାଙ୍କ ଖାଦ୍ୟରେ ଘିଅକୁ ସାମିଲ କରିପାରିବେ । ସେମାନଙ୍କୁ ଓମେଗା ଫ୍ୟାଟଯୁକ୍ତ ଖାଦ୍ୟ, ଆଲମଣ୍ଡ, ୱାଲନଟ୍ସ, ଚିନାବାଦାମ, କାଜୁବାଦାମ ଆଦି ଖାଇବାକୁ ଦିଅନ୍ତୁ । ଶୀତଦିନେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦୁଗ୍ଧଜାତୀୟ ଖାଦ୍ୟ, ଭିଟାମିନ 'ଇ'ରେ ପରିପୂର୍ଣ୍ଣ ଅଁଳା, ପାଚିଲା କଦଳୀ, ଅମୃତଭଣ୍ଡା, ମାଣ୍ଡିଆ ଯାଉ, ଗାଜର ହାଲୁଆ ଆଦି ଖାଇବାକୁ ଦିଅନ୍ତୁ । ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, କ୍ୟାଲସିୟମଯୁକ୍ତ ଖାଦ୍ୟ ମାଣ୍ଡିଆ, ରାଶି, କୋଳଥ ଡାଲି, ଶାଗ ଆଦି ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଆଉ ଏକ କଥା ହେଲା ସେମାନଙ୍କର ଜୀବନଶୈଳୀ । ଆଜିକାଲି ଅଧିକାଂଶ ପିଲା ସ୍କୁଲ ଘର ଟ୍ୟୁସନ ଭିତରେ ସୀମିତ ରହିଯାଉଛନ୍ତି । ସେମାନଙ୍କୁ ଆଉଟଡୋର ଆକ୍ଟିଭିଟି ସହ ଜଡ଼ିତ କରାନ୍ତୁ । ବିଭିନ୍ନ ପ୍ରକାର ଖେଳ ଖେଳିବା ଦ୍ୱାରା ତାହାର ସୁପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡ଼ିଥାଏ । ପିଲାମାନଙ୍କୁ ମାଛ, ମାଂସ ଖାଇବାକୁ ଦେଲେ ତାହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହି ସିଜନରେ ଯେଉଁ ଫଳ ଓ ପନିପରିବା ମିଳୁଛି ତାକୁ ପିଲାମାନେ ଖାଇବା ଆବଶ୍ୟକ ।

ଫରିଦାବାଦ, ହରିୟାନା

## ଆଲର୍ଜିକ ରାଇନାଇଟିସ୍

*ଆମ ସମସ୍ତଙ୍କ ଶରୀରରେ ରୋଗ ସହିତ ଲଢ଼େଇ କରିବାର ଏକ ପ୍ରତିରୋଧ ବ୍ୟବସ୍ଥା କାମ କରେ । ବ୍ୟାକ୍ଟେରିଆ ବା ଭାଇରସ୍ ଭଳି କ୍ଷତିକାରକ ଉପାଦାନ ଆମ ଶରୀରରେ ପ୍ରବେଶ କଲାମାତ୍ରେ ଶରୀରର ଇମ୍ୟୁନ ସିଷ୍ଟମ ସେହି ଉପାଦାନଗୁଡ଼ିକୁ ଚିହ୍ନଟ କରିବା ସହିତ ପ୍ରତିରୋଧ କରନ୍ତି । କିନ୍ତୁ ଅନେକ ସମୟରେ ଆମ ଇମ୍ୟୁନ ସିଷ୍ଟମ ବୁଝିପାରେ ନାହିଁ ଯେ, କେଉଁ ଜିନିଷଟା ଶରୀର ପାଇଁ କ୍ଷତିକାରକ । ଧୂଳି, ମଇଳା, ପଶୁ-ପକ୍ଷୀଙ୍କ ଲୋମ, ପୋକ କିମ୍ବା ବିଶେଷ କିଛି ଖାଦ୍ୟରୁ ଯେ ଆମ ଶରୀରରେ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ ତାହା ବୁଝିହୁଏ ନାହିଁ । ଫଳରେ ଆଲର୍ଜି ସୃଷ୍ଟି ହୁଏ । ଅର୍ଥାତ୍ ଶରୀର ସେହି ସେହି ସବୁ ଜିନିଷକୁ ଗ୍ରହଣ କରିପାରେ ନାହିଁ । ଧୂଳି, ମଇଳା, ପଶୁପକ୍ଷୀଙ୍କ ଲୋମ ଆଦିରୁ ତ୍ୱଚା, ଆଖି ବା ନାକରେ ଆଲର୍ଜି ହୋଇପାରେ । ଏହି ପରିପ୍ରେକ୍ଷୀରେ ଜାଣିରଖନ୍ତୁ ଯେ ଆଲର୍ଜିକ ରାଇନାଇଟିସ୍ ହେଉଛି ନାକର ଏକ ବିଶେଷ ପ୍ରକାର ଆଲର୍ଜି ।*



● *ଲକ୍ଷଣ:* ନାକରେ ଆଲର୍ଜି ସୃଷ୍ଟି ହେଲା ମାତ୍ରେ ଲଗାତର ଛିଙ୍କ ହୁଏ । ନାକ, ଆଖି ଓ ଗଳା ଭିତର କୁଣ୍ଡେଇ ହୁଏ । ନାକ ବନ୍ଦ ହୋଇଯାଏ । ଆଖିରୁ ପାଣି ବାହାରେ । ବର୍ଷର ବିଶେଷ କିଛି ସମୟରେ ଏହି ଲକ୍ଷଣଗୁଡ଼ିକ ଦେଖାଗଲେ ତାହାକୁ କୁହାଯାଏ ସିଜନାଲ୍ ଆଲର୍ଜିକ୍ ରାଇନାଇଟିସ୍ । ବର୍ଷ ସାରା ଏଭଳି ଲକ୍ଷଣ ଦେଖାଗଲେ ତାହାକୁ କୁହାଯାଏ ପେରେନିଆଲ୍ ଆଲର୍ଜିକ୍ ରାଇନାଇଟିସ୍ ।

● *ସାଧାରଣ ସର୍ଦ୍ଦି କାଶ ସହିତ ପାର୍ଥକ୍ୟ:* ଜୀବାଣୁ ବା ଭୂତାଣୁ ଆଦିରୁ ଯେମିତି ସର୍ଦ୍ଦି ଥଣ୍ଡା ହୁଏ, ସେମିତି ଦୂଳି, ଧୂଆଁ ଭଳି ବିଭିନ୍ନ ଆଲର୍ଜି ସୃଷ୍ଟି କରୁଥିବା ଉପାଦାନରୁ ମଧ୍ୟ ଆଲର୍ଜିକ୍ ରାଇନାଇଟିସ୍ ଦେଖାଯାଏ । ଦୁଇଟି ଯାକ ସମସ୍ୟାରେ ନାକରୁ ପାଣି ବାହାରେ, ଛିଙ୍କ ହୁଏ, ଆଖି କୁଣ୍ଡେଇହୁଏ, ନାକ ବନ୍ଦ ହୋଇଯାଏ । କିନ୍ତୁ ଆଲର୍ଜିକ୍ ରାଇନାଇଟିସ୍‌ର କେତୋଟି ବଡ଼ ଲକ୍ଷଣ ଅଛି ଯେଉଁଗୁଡ଼ିକ ଏହାକୁ ସର୍ଦ୍ଦି-କାଶରୁ ପୃଥକ କରିଥାଏ ।

✦ ଆଲର୍ଜିକ୍ ରାଇନାଇଟିସ୍‌ରେ ଜ୍ୱର ବା ଶରୀରରେ ବ୍ୟଥା ହୋଇଥାଏ ।

✦ ନାକରୁ ଯେଉଁ ସର୍ଦ୍ଦି ବାହାରେ ତାହା ପାଣି ଭଳି ପତଳା ହୋଇଥାଏ । ହଳଦିଆ କିମ୍ବା ସବୁଜ ରଙ୍ଗର ହୋଇ ନଥାଏ ।

✦ ଛିଙ୍କରୁ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହେବା ପୂର୍ବରୁ ବହୁତ ଥର ଛିଙ୍କ ହୋଇଥାଏ ।

✦ ନାକ, କାନ ଓ ତଂଟି ଖୁବ୍ ଜୋର୍‌ରେ କୁଣ୍ଡେଇ ହୁଏ । ଆଖିରୁ ପାଣି ବାହାରେ । ସାଧାରଣ ସର୍ଦ୍ଦି-କାଶ ତୁଳନାରେ ଏହି ସମସ୍ୟା ଅଧିକ ଦିନ ଧରି ଥାଏ ।

● ପ୍ରତିରୋଧ: ଯେଉଁସବୁ ଜିନିଷରୁ ଆଲର୍ଜି ହେଉଚି ସେଗୁଡ଼ିକ ଏଡ଼ାଇ ଚାଲିବା ସବୁଠାରୁ ଭଲ ।

ଲୋମଶ କୁକୁର ବା ଅନ୍ୟ କୌଣସି ପୋଷା ଜୀବଜନ୍ତୁଙ୍କୁ ଏଡ଼ାଇ ଚାଲନ୍ତୁ । ଘରେ ଜୀବଜନ୍ତୁ ଥିଲେ ବେଡ୍‌ରୁମ୍‌ରୁ ଦୂରେଇ ରଖନ୍ତୁ ।

ଘରେ ଧୂମପାନ ନକରିବା ଭଲ । ଘରର କାନ୍ଥରେ ଡ୍ୟାମ୍ପ୍ ଧରିଯାଇଥିଲେ ବା ପ୍ୟାଚ୍ ଥିଲେ ହାଲ୍‌କା ବ୍ଲିଚ୍‌ର ମିଶ୍ରରେ ପରିଷ୍କାର କରନ୍ତୁ ।

● *ଚିକିତ୍ସା:* ଆଲର୍ଜିକ୍ ରାଇନାଇଟିସ୍‌ର ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ଔଷଧ ଅଛି । ବୟସ ଓ ଲକ୍ଷଣ ଅନୁସାରେ ଡାକ୍ତର ଔଷଧ ପ୍ରେସ୍‌କ୍ରାଇବ୍ କରନ୍ତି । ତେବେ ସାଧାରଣ ଭାବେ ଆଲର୍ଜିକ୍ ରାଇନାଇଟିସ୍ ଚିକିତ୍ସା ପାଇଁ କେତେଗୋଟି ପଦ୍ଧତି ବ୍ୟବହାର କରାଯାଏ ।

● *ଆଂଟିହିଷ୍ଟାମିନ୍:* ଟ୍ୟାବ୍‌ଲେଟ୍, ସିରପ୍ ଓ ନାଜାଲ୍ ସ୍ପ୍ରେ ଫର୍ମରେ ଆଂଟିହିଷ୍ଟାମିନ୍ ଉପଲବ୍ଧ । ଆଲର୍ଜିକ୍ ରାଇନାଇଟିସ୍‌ର ବିଭିନ୍ନ ଲକ୍ଷଣ ନିୟନ୍ତ୍ରଣ କରିବା ପାଇଁ ଆଂଟିହିଷ୍ଟାମିନ୍ ଭଲ କାମ ଦେଇଥାଏ । ଯେମିତି କି-

● *କର୍ଟିକୋର୍ଟେରୟେଡ୍:* ଆଲର୍ଜିକ୍ ରାଇନାଇଟିସ୍ ପାଇଁ ନାଜାଲ କର୍ଟିକୋଷ୍ଟେରୟେଡ୍ ସ୍ପ୍ରେ ସବଠାରୁ ଭଲ ।

● *ଡିକନ୍‌ଜେଷ୍ଟା□ସ୍:* ନାକ ବନ୍ଦ ହୋଇଯିବା ଭଳି ସମସ୍ୟା କମାଇଥାଏ । ତେବେ ନାଜାଲ ସ୍ପ୍ରେ ଡିକନ୍‌ଜେଷ୍ଟା□ସ୍ ତିନିଦିନରୁ ଅଧିକ ବ୍ୟବହାର କରିବା ଉଚିତ ନୁହେଁ ।

## ଅଳ୍ପ ବୟସରେ ମଧୁମେହ ରୋଗ

ମଧୁମେହ ରୋଗର ଅମୋଘ ଔଷଧ ଇନ୍‌ସୁଲିନର ଆବିଷ୍କାରକ ସାର ଡେଡ଼ରିକ ଗ୍ରାଣ୍ଟ ବେଣ୍ଟିଙ୍ଗଙ୍କର ଜନ୍ମ ଦିବସ ହୋଇଥିବାରୁ ନଭେମ୍ବର ୧୪କୁ ବିଶ୍ୱ ମଧୁମେହ ଦିବସ ରୂପେ ପାଳନ କରାଯାଏ । ମଧୁମେହ ରୋଗର ପ୍ରକୃତ କାରଣ, ଏହା ଯୋଗୁଁ ଶରୀରରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏଥିରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉ ?ଶ୍ୟ । ୧୯୯୧ ମସିହାରେ ପ୍ରଥମ କରି ଏହି ଦିବସ ପାଳନ କରାଯାଇଥିଲା । ବିଶ୍ୱରେ ମଧୁମେହ ରୋଗର ବୃଦ୍ଧି ହାରକୁ ଆଖିରେ ରଖି ଇଣ୍ଟରନ୍ୟାସନାଲ ଡାଇବେଟିସ ଫେଡ଼େରେସନ (ଆଇଡ଼ିଏଫ୍) ଏବଂ ୱାର୍ଲଡ଼ ହେଲଥ୍ ଅରଗାନାଇଜେସନ (ଡବ୍ଲୁଏଚ୍‌ଓ) ମିଳିତ ଭାବେ ଏପରି ଏକ ଦିବସର ପରିକଳ୍ପନା କରିଥିଲେ । ପୂର୍ବରୁ କେବଳ ପ୍ରୌଢ଼ ବ୍ୟକ୍ତିମାନେ ଏହି ମଧୁମେହ ବା ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହେଉଥିଲେ । ତେବେ ବିଗତ କିଛି ବର୍ଷ ମଧ୍ୟରେ ଏହି ମାରାତ୍ମକ ରୋଗ ଯୁବକ, ଯୁବତୀ ଏପରିକି ଶିଶୁମାନଙ୍କୁ ମଧ୍ୟ କବଳିତ କରିବାରେ ଲାଗିଛି । ତେବେ ପ୍ରଥମେ ଜାଣିବା ମଧୁମେହ କ'ଣ ?

ଆମେ ଗ୍ରହଣ କରୁଥିବା ଖାଦ୍ୟରେ ଥିବା ଖାଦ୍ୟପ୍ରାଣକୁ ଶରୀର ବୃଦ୍ଧିରେ ନିୟୋଜିତ କରିବା ତଥା ଶକ୍ତିରେ ପରିଣତ କରିବା ପାଇଁ ଶରୀର ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ସଂଗଠିତ ହୋଇଥାଏ । ଏହାକୁ ବିପାକ ପ୍ରକ୍ରିୟା କୁହାଯାଏ । ଖାଦ୍ୟ ହଜମ ହେବା ପରେ ଏଥିରୁ ନିର୍ଗତ ଗ୍ଳୁକୋଜ ରକ୍ତରେ ମିଶିଥାଏ । ଏହି ଗ୍ଳୁକୋଜ ଶରୀରରେ ଥିବା ଅସଂଖ୍ୟ ଜୀବକୋଷ ଗୁଡ଼ିକରେ ପ୍ରବେଶ କରିବା ପରେ ଶକ୍ତିରେ ପରିଣତ ହୋଇ ଶରୀର ବୃଦ୍ଧିରେ ସହାୟକ ହୋଇଥାଏ । ଗ୍ଳୁକୋଜକୁ ଜୀବକୋଷରେ ପହଁଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ଯକୃତରୁ କ୍ଷରିତ ହରମୋନ୍ ଇନ୍‌ସୁଲିନ୍ । ତେବେ ସମୟ ସମୟରେ ଶରୀରରେ ଏହି ଇନ୍‌ସୁଲିନ ନିଜର କାମ ଠିକ ଭାବେ କରିପାରେ ନାହିଁ । କେତେକ କ୍ଷେତ୍ରରେ ଆବଶ୍ୟକ ପରିମାଣର ଇନ୍‌ସୁଲିନ୍ ସୃଷ୍ଟି ହୋଇପାରୁନଥିବା ବେଳେ ଆଉ କେତେକ କ୍ଷେତ୍ରରେ ଯକୃତରୁ ଇନ୍‌ସୁଲିନ କ୍ଷରଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ । ଏହାବ୍ୟତୀତ ଇନସୁଲିନ ଜୀବକୋଷ ସହିତ ସଠିକ୍ ପ୍ରତିକ୍ରିୟା ମଧ୍ୟ କରିପାରି ନଥାଏ । ଫଳରେ ଶରୀରରେ ରକ୍ତ ଶର୍କରାର ପରିମାଣ ବୃଦ୍ଧି ପାଏ ଏବଂ ଏହାକୁ ହିଁ କୁହାଯାଏ ମଧୁମେହ । ଏହି ରୋଗ ଯୋଗୁଁ ଶରୀରରେ ପ୍ରସ୍ତୁତ ଗ୍ଳୁକୋଜ ଶକ୍ତିରେ ପରିଣତ ହୋଇପାରୁ ନଥିବାରୁ ରୋଗୀଟି ଧୀରେ ଧୀରେ ଦୁର୍ବଳ ହୋଇପଡ଼େ ଏବଂ ସମୟ କ୍ରମେ ତାର ବିଭିନ୍ନ ଅଙ୍ଗରେ ସମସ୍ୟା ଦେଖାଦିଏ ।

**ମଧୁମେହ ୨ ପ୍ରକାରର:** ଟାଇପ୍-୧ ଓ ଟାଇପ୍-୨ । ଟାଇପ୍-୧ ମଧୁମେହ ରୋଗୀର ଯକୃତ ଇନ୍‌ସୁଲିନ ପ୍ରସ୍ତୁତ କରିପାରିନଥାଏ । ଟାଇପ୍-୨ ରେ ଶରୀର ଆବଶ୍ୟକ ପରିମାଣର ଇନ୍‌ସୁଲିନ୍ ପ୍ରସ୍ତୁତ କରିପାରେ ନାହିଁ କିମ୍ବା କ୍ଷରିତ ଇନ୍‌ସୁଲିନ୍ ସଠିକ୍ ଭାବେ କାର୍ଯ୍ୟ କରିନଥାଏ । ଟାଇପ୍-୧ ଡାଇବେଟିସ୍ ସାଧାରଣତଃ ବୟସ୍କ ଲୋକଙ୍କଠାରେ ଦେଖାଯାଏ । ଅନ୍ୟପକ୍ଷରେ ଶିଶୁ ଓ ଯୁବକ ଟାଇପ୍-୨ ଡାଇବେଟିସ୍‌ରେ ଆକ୍ରାନ୍ତ ହୋଇଥାନ୍ତି । ପରବର୍ତ୍ତୀ ସମୟରେ ଏହା ଟାଇପ୍-୧କୁ ରୂପାନ୍ତରିତ




ହୋଇଥାଏ । ପୂର୍ବରୁ ଟାଇପ୍- ୨ ଡାଇବେଟିସ୍ ମଧ୍ୟ ବାପଅଜାଙ୍କ ବୟସରେ ଆରମ୍ଭ ହେଉଥିଲା । କିନ୍ତୁ ସମ୍ପ୍ରତି ଯୁବସମାଜ ତଥା ଶିଶୁଙ୍କ ଠାରେ ଏହି ରୋଗ ଦେଖାଦେଉଥିବାରୁ ଏହାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଅଧିକ ଜରୁରୀ ହୋଇପଡ଼ିଛି । ଅଳ୍ପ ବୟସରେ ମଧୁମେହରେ ଆକ୍ରାନ୍ତ ହେବାର ପ୍ରମୁଖ କାରଣ ହେଉଛି ମେଦବହୁଳତା ଏବଂ ମେଦବହୁଳତା ପଛରେ ରହିଛି ଶାରୀରିକ ପରିଶ୍ରମର ଅଭାବ । ସାମ୍ପ୍ରତିକ ଜୀବନଶୈଳୀ ବହୁମାତ୍ରାରେ ଏଥିପାଇଁ ଦାୟୀ ।

ଆଜିକାଲି ପିଲାମାନେ ଘରେ ପ୍ରସ୍ତୁତ ଖାଦ୍ୟ, ପନିପରିବା ପରିବର୍ତ୍ତେ ବଜାରରେ ବିକ୍ରି ହେଉଥିବା ଜଙ୍କ୍‌ଫୁଡ଼, ଫାଷ୍ଟଫୁଡ୍ ଖାଇବାରେ ଅଭ୍ୟସ୍ତ । ବଜାରରେ ମିଳୁଥିବା ଏସବୁ ଖାଦ୍ୟରେ ଅଧିକ ମାତ୍ରାରେ କ୍ୟାଲୋରୀ ରହୁଥିବାରୁ ଶରୀରରେ ମେଦବୃଦ୍ଧି ପାଇଥାଏ । କମ୍ପ୍ୟୁଟର ଯୁଗରେ ଏ ସମ୍ପର୍କରେ ଶିକ୍ଷା ଲାଭ କରିବା ଜରୁରୀ ନିଶ୍ଚୟ, ତେବେ ଏହା ସହିତ ଶାରୀରିକ ଖେଳକୁଦ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ । ସହରରେ ରହୁଥିବା ପିଲାମାନେ ଅପରାହ୍ନ ସମୟରେ ପଡ଼ିଆରେ ଖେଳକୁଦ କରିବା ଅପେକ୍ଷା ଘରେ କମ୍ପ୍ୟୁଟରରେ ଗେମ୍ ଖେଳିବା କିମ୍ବା ଟେଲିଭିଜନ ଦେଖିବାକୁ ପସନ୍ଦ କରୁଛନ୍ତି । ମଧୁମେହ ରୋଗୀଙ୍କୁ ସମ୍ପୂର୍ଣ୍ଣ ରୂପେ ଭଲ କରିବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ଔଷଧ ପ୍ରସ୍ତୁତ କରାଯାଇପାରି ନାହିଁ । କେବଳ ବିଭିନ୍ନ ଔଷଧ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖାଯାଏ । ସୁତରାଂ ମଧୁମେହ ରୋଗୀଟିକୁ ଏକ ସାଧାରଣ ଜୀବନ ଯାପନ ପାଇଁ ଅନେକ ଗୁଡ଼ିଏ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ମଧୁମେହ ରୋଗୀ ନିଜ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ହୋଇଥାଏ । ସୁଷମ ତଥା ସନ୍ତୁଳିତ ଖାଦ୍ୟ ଗ୍ରହଣ ଦ୍ୱାରା ଏହି ରୋଗ ଅନେକାଂଶରେ ଆୟତକୁ ଆସିଥାଏ । ତେଲମସଲା, ତନ୍ତୁଜାତୀୟ ଖାଦ୍ୟ, ମିଠା ଏସବୁ ଠାରୁ ଦୂରରେ ରହିବା ଭଲ । ମଧୁମେହ ରୋଗୀ ଉପାସବ୍ରତ ନକରିବା ଭଲ । କାରଣ ଏହାଦ୍ୱାରା ରକ୍ତରେ ଶର୍କରା ପରିମାଣ ହଠାତ ବୃଦ୍ଧି ପାଇବା କିମ୍ବା ହ୍ରାସ ପାଇବାର ଆଶଙ୍କା ଥାଏ । ଦୈନିକ ଖାଦ୍ୟରେ କିଛି ପିତା ଖାଇଲେ ଭଲ । ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ୍ । ମଧୁମେହ ଯେ ମାରାତ୍ମକ ହୋଇପାରେ, ଏହା ଖୁବ୍ କମ୍ ଲୋକ ଜାଣନ୍ତି । ତେଣୁ ବିଶ୍ୱ ମଧୁମେହ ଦିବସ ଜରିଆରେ ଏସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ପ୍ରତ୍ୟେକ ମଣିଷ ନିଜେ ସଚେତନ ହେଲେ ଆଗାମୀ କିଛି ବର୍ଷ ମଧରେ ଅତି କମ୍‌ରେ ଶିଶୁ ଓ ଯୁବକଙ୍କ ମଧୁମେହ ଦେଖାଦିଅନ୍ତା ନାହିଁ ।

**ପ୍ରିୟଙ୍କା ମିଶ୍ର**
**ଢେଙ୍କାନାଳ**

## ସ୍ୱାସ୍ଥ୍ୟ ଟିପ୍ସ



[redacted]

ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକ ଉଷ୍ମ ପାଣିରେ [redacted]

▶ ଶୁଖିଲା ଧନିଆଁକୁ ପେସି ସେଥିରେ ୧/୨ ଚାମଚ ମିଶ୍ରି ମିଶାଇ ଖାଆନ୍ତୁ । ଏମିତି ଦିନରେ ପ୍ରାୟ ୩-୪ ଥର କରନ୍ତୁ, ଏହା ଗଳାକୁ ଆରାମ ଦେବ ।

▶ ଗୋଟିଏ ରସୁଣ କୋଳା ଓ ଲବଙ୍ଗ ପେସି ଦିଅନ୍ତୁ । ଏଥିରେ ମହୁ ମିଶାଇ ଦିନରେ ହାରାହାରି ୩ଥର ଖାଆନ୍ତୁ । ଆପଣଙ୍କ ଗଳା ସମସ୍ୟା ଦୂର ହୋଇଯିବ ।

▶ ଘିକୁଆରୀ ରସକୁ ଗରମ କରନ୍ତୁ । ସେଥିରେ ବଟା ଗୋଲମରିଚ ଓ ସୈନ୍ଧବଲବଣ ମିଶାଇ ୨ଥର ଖାଆନ୍ତୁ । ଏଥିରେ କାଶ ବନ୍ଦ ହୋଇଯିବ ଓ ଗଳା ସମସ୍ୟା ମଧ୍ୟ ଦୂର ହୋଇଯିବ ।

▶ ଏକଗ୍ଲାସ ଗରମ ପାଣିରେ ପିଆଜ ରସ ମିଶାଇ ପିଅନ୍ତୁ । ଏହାଦ୍ୱାରା ଗଳାକୁ ଆରାମ ମିଳିବ ଓ କାଶ ସମସ୍ୟା ଦୂର ହେବ ।

▶ ଅଳ୍ପ ଫିଟ୍‌କିରିକୁ ତାୱାରେ ଗରମ କରି ଗୁଣ୍ଡ କରନ୍ତୁ । ୧ଗ୍ଲାସ ଗରମ ପାଣିରେ ଫିଟିକିରି ପକାଇ ସକାଳ ଓ ସନ୍ଧ୍ୟାରେ ଗାର୍ଗଲିଂ କରନ୍ତୁ । ଗଳା ସମସ୍ୟା ଦୂର ହୋଇଯିବ ।

▶ ତେନ୍ତୁଳି ପାଣିରେ ଭିଜାଇ ଦିନରେ ୨ଥର ଏହି ପାଣିରେ କୁଳି କରନ୍ତୁ । ଗଳାକୁ ଉପଶମ ମିଳିବ ।

▶ ୫ଟି ଗୋଲମରିଚକୁ ଗୁଣ୍ଡକରି ତୁଳସୀ ପତ୍ର ସହିତ ୧କପ୍ ପାଣିରେ ଗରମ କରନ୍ତୁ । ସେଥିରେ ମହୁ ମିଶାଇ ଦିନରେ ୨ଥର ଖାଆନ୍ତୁ । ଏହାଦ୍ୱାରା କାଶ ଓ ସଂକ୍ରମଣ ଜନିତ ସମସ୍ୟା ଦୂର ହୋଇଥାଏ ।

✖ ✖ ✖



## ଆକ୍ୟୁପ୍ରେସର ରୋଲର

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

★ ଆକ୍ୟୁପ୍ରେସରର ସିଦ୍ଧାନ୍ତ କ'ଣ : ଆକ୍ୟୁପ୍ରେସରର ମୁଖ୍ୟ ସିଦ୍ଧାନ୍ତ ହେଉଛି ମଣିଷ ଶରୀରର ପ୍ରତି ଅଙ୍ଗ ହାତର ପାପୁଲି ଓ ପାଦ ତଳିପାର କୌଣସି ସ୍ୱତନ୍ତ୍ର ପଏ□ ସହ ସଂଶ୍ଳିଷ୍ଟ । ତେବେ ଏହି ସମ୍ବନ୍ଧ କ'ଣ ସେ ବିଷୟରେ ବିଶେଷ ଭାବରେ ଜଣାପଡ଼ି ନଥିଲେ ମଧ୍ୟ ଏହା ପ୍ରମାଣିତ ହୋଇଛି ଯେ, ଯଦି ଏହିସବୁ ପଏ□କୁ ଏନର୍ଜି ଦିଆଯିବ ତେବେ ଆମ ଶରୀର ବହୁ ରୋଗରୁ ମୁକ୍ତ ହୋଇପାରିବ ।

★ ରୋଗ ଦୂର ହୋଇଥାଏ : ଏହି ପ୍ରେସର ପଏଂଟରେ ଚାପ ଦେବା ଦ୍ୱାରା ଏନର୍ଜି ସିଧା ଏହା ସହିତ ସମ୍ବନ୍ଧିତ ଅଙ୍ଗକୁ ପହଂଚିଥାଏ ଓ ଆରାମ ମିଳିଥାଏ । ଏହା ମଧ୍ୟ ଦାବୀ କରାଯାଇଛି ଯେ, ଧୀରେ ଧୀରେ ସେହି ଅଙ୍ଗରୁ ସବୁ ପ୍ରକାର ଅସୁସ୍ଥତା ଦୂର ହୋଇଯାଏ ।

★ ପ୍ରତିଦିନ ପାଂଚ□ ମିନିଟ : ଆକ୍ୟୁପ୍ରେସର ରୋଲରର ଉପଯୋଗ ଦ୍ୱାରା ଆପଣ ଡାଇବେଟିସ୍, ଷ୍ଟ୍ରେସ୍, ନିଦ୍ରାହୀନତା, ହାଇପରଟେନସନ୍, ହାର୍ଟ ପ୍ରୋବ୍ଲେମ ପରି ବହୁ ରୋଗରେ ଉପଶମ ପାଇପାରିବେ । ଦୈନିକ କେବଳ ମାତ୍ର ପାଂଚ□ ମିନିଟ ଏହି ପଏଂଟ□ରେ ପ୍ରେସର ଦେଇ ଲାଭ ପାଇ ପାରିବେ ।

★ ଆକ୍ୟୁପ୍ରେସର ରୋଲରର ଉପଯୋଗ : ପ୍ରଧାନମନ୍ତ୍ରୀଙ୍କ ହାତରେ ଯେଉଁ ରୋଲର ଥିଲା ସେଥିରେ ଛୋଟ ଛୋଟ ଗୁବ ରହିଥିଲା । ଆପଣ ଏହି ରୋଲରକୁ ଦୁଇ ହାତ ମଧରେ କିମ୍ବା ପାଦ ତଳେ ରଖି ଏହାକୁ ଘୁରାଇବା ଦ୍ୱାରା ଲାଭ ମିଳିଥାଏ । ଏପରି କରିବା ଦ୍ୱାରା ପ୍ରେସର ପଏ□ ଆକ୍ଟିଭ ହୋଇଥାଏ ଓ ଶରୀରର ଭିନ୍ନ ଭିନ୍ନ ଅଙ୍ଗକୁ ଏନର୍ଜି ପହଂଚ୍ ଥାଏ ।

★ ହାତର ପ୍ରେସର ପଏଂଟ□ : ଯେଉଁଠାରେ ଆପଣଙ୍କ ହାତର ମଣିବନ୍ଧ ସରୁଛି ସେହିଠାରେ ଓ ସବୁଠାରୁ ଛୋଟ ଅଙ୍ଗୁଳି ନିମ୍ନକୁ ଥିବା ମଣିବନ୍ଧ ହିଁ ଏହି ପ୍ରେସର ପଏ□ ହୋଇଥାଏ [redacted] ଚିନ୍ତା ଦୂର କରିବା ଓ ମନୋଭାବକୁ ନିୟନ୍ତ୍ରିତ [redacted] ନିଭାଇଥାଏ । ଓଜନ ବୃଦ୍ଧି ଓ ଡାଇବେଟିସ୍‌ର [redacted] ମାନସିକ ଚିନ୍ତା । ଏହି କାରଣରୁ ଏହି ପଏ□ [redacted] ବହୁ ଲାଭ ମିଳିଥାଏ ।

★ ଲାଭ : ଯଦି ଆପଣ ନିୟମିତ ରୂପରେ [redacted] ପଏଂଟ□ ଉପରେ ପ୍ରେସର ଦେବେ ତେ[redacted] ରହିବା ସହ ରୋଗ ସହଜରେ ଆକ୍ରମଣ କରି[redacted] ଶରୀର କୌଣସି ପ୍ରେସର ପଏ□ ଉପରେ ଚା[redacted] ତେବେ ଜାଣିବେ ଆପଣଙ୍କ ଶରୀରରେ [redacted] ଏହାଦ୍ୱାରା [redacted] ସଠିକ ସମୟରେ ରୋଗ [redacted]

*ଶିଖର[redacted]ସାହି, କଟକ, ଦୂରଭାଷ[redacted]*





# ସୁସ୍ଥ ଭବିଷ୍ୟତ ପାଇଁ ସ୍ତନ୍ୟପାନ: କାର୍ଯ୍ୟକାରୀ ପଦକ୍ଷେପକୁ ସୁଦୃଢ଼ କରିବା

ପ୍ରତିବର୍ଷ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଆମକୁ ପ୍ରତ୍ୟେକ ଶିଶୁକୁ ଜୀବନର ସର୍ବୋତମ ସମ୍ଭାବ୍ୟ ଆରମ୍ଭ ଦେବାର ଏକ ସରଳ ଏବଂ ସବୁଠାରୁ ଶକ୍ତିଶାଳୀ ଉପାୟ ସମ୍ପର୍କରେ ସ୍ମରଣ କରାଇ ଦେଇଥାଏ । ଏହା ଶିଶୁଟିଏ ଭୂମିଷ୍ଠ ହେବାର ପ୍ରଥମ ଘଂଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରିବା, ପ୍ରଥମ ଛଅ ମାସ ପାଇଁ ଶିଶୁମାନଙ୍କୁ କେବଳ ମାତୃ କ୍ଷୀର ଖୁଆଇବା ଏବଂ ଦୁଇ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ପର୍ଯ୍ୟନ୍ତ ପରିପୂରକ ଖାଦ୍ୟ ସହିତ ସ୍ତନ୍ୟପାନ ଜାରି ରଖିବାର ଆବଶ୍ୟକତାକୁ ପ୍ରତିଭାତ କରିଥାଏ । ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟବସ୍ତୁ, 'ଜୀବନରେ ଏକ ସ୍ଥାୟୀ ଅୟମାରମ୍ଭ ପାଇଁ ସ୍ତନ୍ୟପାନ: କାର୍ଯ୍ୟକାରୀ ପଦକ୍ଷେପକୁ ସୁଦୃଢ଼ କରିବା', ଶିଶୁ ବଂଚିବା, ମାତୃ ସ୍ୱାସ୍ଥ୍ୟ ଏବଂ ସ୍ଥାୟୀ ବିକାଶର ଏକ ମୂଳଦୁଆ ଭାବରେ ସ୍ତନ୍ୟପାନକୁ ପ୍ରୋତ୍ସାହିତ ଏବଂ ସମର୍ଥନ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରେ । ସ୍ତନ୍ୟପାନକୁ ପ୍ରାୟତଃ ପ୍ରକୃତିର ପ୍ରଥମ ଟିକା ଭାବରେ ବିବେଚନା କରାଯାଇଥାଏ, କିନ୍ତୁ ଏହା ତା'ଠାରୁ ଢେର୍ ଅଧିକ ଏବଂ ଜରୁରି । ଏହା ଗୋଟିଏ ସଦ୍ୟଜାତ ଶିଶୁକୁ ଆଦର୍ଶ ପୁଷ୍ଟି ପ୍ରଦାନ କରେ, ସଂକ୍ରାମକ ରୋଗ ବିରୁଦ୍ଧରେ ସୁରକ୍ଷା ଦିଏ, ଜ୍ଞାନାତ୍ମକ ବିକାଶକୁ ସମର୍ଥନ କରେ, ଜୀବନର ପରବର୍ତୀ ସମୟରେ ସ୍ଥୂଳତା ଏବଂ ଅଣ-ସଂକ୍ରାମକ ରୋଗର ବିପଦକୁ ହ୍ରାସ କରେ ଏବଂ ସ୍ତନ ଏବଂ ଡିମ୍ବାଶୟ କର୍କଟ ଏବଂ ଟାଇପ୍-୨ ମଧୁମେହର ବିପଦକୁ ହ୍ରାସ କରି ମାତୃ ସ୍ୱାସ୍ଥ୍ୟ ନିମନ୍ତେ ଏକ ସ୍ଥାୟୀ ଅବଦାନ ଯୋଗାଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ.ଏଫ.ଏଚ.ଏସ.)-୬ ତଥ୍ୟ ଭାରତରେ ସ୍ତନ୍ୟପାନ ସୂଚକାଙ୍କରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଘଟିଥିବା ଦର୍ଶାଏ । ଶିଶୁଟିଏ ଜନ୍ମଲାଭ କରିବା ପରେ ପ୍ରଥମ ଏକ ଘଂଟା ମଧ୍ୟରେ ଏହାକୁ ସ୍ତନ୍ୟପାନ କରାଇବା ଭାବରେ ପରିଭାଷିତ ସ୍ତନ୍ୟପାନର ପ୍ରାରମ୍ଭିକ ପ୍ରୟାସ ଇତି ମଧ୍ୟରେ ୪୧.୮%ରୁ ୫୦.୧%କୁ ବୃଦ୍ଧି ପାଇଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି କାରଣ; ପ୍ରଥମ ଘଂଟା ହେଉଛି ଏକ ସନ୍ଧି ଯାହା ବନ୍ଧନ ସ୍ଥାପନ କରିବା, ଜୀବନର ପ୍ରଥମ ୬ ମାସ ପାଇଁ ସ୍ୱତନ୍ତ୍ର ସ୍ତନ୍ୟପାନ ସୁନିଶ୍ଚିତ କରିବା ଏବଂ ନବଜାତ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ତନ୍ୟପାନକୁ ପ୍ରାୟତଃ କେବଳ ଜଣେ ମାଆଙ୍କ ଦାୟିତ୍ୱ ଭାବରେ ଦେଖାଯାଏ, କିନ୍ତୁ ବାସ୍ତବରେ, ଏହା ଏକ ସହଭାଗୀ ଦାୟିତ୍ୱ । ମା'ମାନଙ୍କୁ ଉଚିତ ସହଯୋଗ ଓ ପରାମର୍ଶର ଆବଶ୍ୟକତା ରହିଛି । ଗର୍ଭାବସ୍ଥା ସମୟରେ ଏବଂ ପ୍ରସବ ପରେ ତୁରନ୍ତ ସେମାନଙ୍କୁ ଦକ୍ଷ ପରାମର୍ଶ ମିଳିଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ସାଧାରଣ ସମସ୍ୟାର ସଫଳ ମୁକାବିଲା କରିପାରନ୍ତି । କୌଣସି ଅସୁବିଧା ଦେଖାଦେଲେ ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ତନ୍ୟପାନ ପରାମର୍ଶ ସେବାର ସହାୟତା ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୁଏ । ପରିବାରଗୁଡ଼ିକର ମଧ୍ୟ ମା'ମାନଙ୍କୁ ଉତ୍ସାହିତ କରିବା, ପାରିବାରିକ ଦାୟିତ୍ୱ ବଂଟନ କରିବା ଏବଂ ଏକ ସହାୟକ ପରିବେଶ ସୃଷ୍ଟି କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କର୍ମଜୀବୀ ମା'ମାନଙ୍କ ପାଇଁ, ସହାୟକ କର୍ମକ୍ଷେତ୍ର ନୀତି, ଯେଉଁଥିରେ ବେତନ ସହିତ ପ୍ରସୂତିକାଳୀନ ଛୁଟି, ନମନୀୟ କାର୍ଯ୍ୟ ବ୍ୟବସ୍ଥା, ସନ୍ତାନମାନଙ୍କୁ ସ୍ତନ୍ୟପାନ କରାଇବା ନିମନ୍ତେ ବିରତି ଏବଂ ମା' କ୍ଷୀର ସଂଗ୍ରହ ଏବଂ ସଂରକ୍ଷଣ କରିବା ପାଇଁ ସୁରକ୍ଷିତ, ବ୍ୟକ୍ତିଗତ ସ୍ଥାନ ସୁବିଧା ନିର୍ଦ୍ଧାରଣ ଅନ୍ତର୍ଭୁକ୍ତ । ଯେତେବେଳେ ପରିବାର, ସମ୍ପ୍ରଦାୟ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଯୁକ୍ତିଦାତା ଏବଂ ସରକାର ଏକତ୍ର କାର୍ଯ୍ୟ କରନ୍ତି, ମା'ମାନେ ସଫଳତାର ସହ ସ୍ତନ୍ୟପାନ କରିବାକୁ ସକ୍ଷମ ହୁଅନ୍ତି, ଯାହା ପ୍ରତ୍ୟେକ ଶିଶୁକୁ ଜୀବନରେ ସବୁଠାରୁ ସୁସ୍ଥ ସମ୍ଭବ ଆରମ୍ଭ କରିଥାଏ । ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ଭେ-୪ ଏବଂ ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ଭେ-୫ରୁ ତଥ୍ୟ ବିଶ୍ଳେଷଣ କରି ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ମା'ମାନେ ଗର୍ଭାବସ୍ଥାରେ ନିୟମିତ ପ୍ରସବ-ପୂର୍ବ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଏବଂ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସନ୍ତାନ ପ୍ରସବ କରିଥିଲେ, କେବଳ ସେମାନଙ୍କଠାରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବାର ସମ୍ଭାବନା ଅଧିକ ପରିଲକ୍ଷିତ ହୋଇଥିଲା । ଅପରପକ୍ଷେ ୨୦ ବର୍ଷରୁ କମ୍ ବୟସର ମା', କମ୍ ଓଜନ ସହିତ ଜନ୍ମ ହୋଇଥିବା ଶିଶୁ ଏବଂ ଜନ୍ମର ଏକ ଘଂଟା ପରେ ସ୍ତନ୍ୟପାନ ଆରମ୍ଭ ହୋଇଥିବା କ୍ଷେତ୍ରରେ କେବଳ ସ୍ତନ୍ୟପାନ କରାଇବାର ସମ୍ଭାବନା କମ୍ ଥିଲା । ଏହି ଫଳାଫଳଗୁଡ଼ିକ ଦର୍ଶାଏ ଯେ ସ୍ୱାସ୍ଥ୍ୟ ବ୍ୟବସ୍ଥାରୁ ଗୁଣାତ୍ମକ ପରାମର୍ଶ ଏବଂ ସମର୍ଥନ କିପରି ମା'ମାନଙ୍କୁ ସଫଳତାର ସହ ସ୍ତନ୍ୟପାନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଚଳିତ ବର୍ଷର ବିଷୟବସ୍ତୁ 'ଯାହା କାର୍ଯ୍ୟକ୍ଷମ ଉପାୟ, ତାହାକୁ ସୁଦୃଢ଼ କରନ୍ତୁ' ଉପରେ ଗୁରୁତ୍ୱାରୋପ କରୁଥିବାରୁ, ପୂର୍ବରୁ ସଫଳତାର ସହ କାର୍ଯ୍ୟକାରୀ ହୋଇ ଆସୁଥିବା ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଏବଂ ସେଗୁଡ଼ିକର ପରିସରକୁ ବ୍ୟାପକ କରିବା ସମୟର ଆବଶ୍ୟକତା । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୋଷଣ ଅଭିଯାନ ଶିଶୁଙ୍କ ଅନୁପଯୁକ୍ତ ଓ ଅପର୍ଯ୍ୟାପ୍ତ ଖାଦ୍ୟାଭ୍ୟାସରେ ସକାରାତ୍ମକ ପରିବର୍ତନ ଆଣିବା ପାଇଁ ଆଚରଣ ପରିବର୍ତନ ଯୋଗାଯୋଗ (ବିସିସି)କୁ ଏହାର ଏକ ପ୍ରମୁଖ କୌଶଳ ଭାବେ ଗ୍ରହଣ କରିଛି । ବାର୍ଷିକ 'ପୋଷଣ ମାସ' ଏବଂ 'ପୋଷଣ ପଖୱାଡ଼ା' ଅଭିଯାନ ମାଧ୍ୟମରେ ଜନସଚେତନତା ବୃଦ୍ଧି, ପରାମର୍ଶ ସେବାକୁ ସୁଦୃଢ଼ କରିବା ଏବଂ ଆଗଧାଡ଼ିର କର୍ମୀମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରି ସ୍ତନ୍ୟପାନ ଓ ଶିଶୁ



ଡକ୍ଟର ଅଶ୍ୱଥି ବିଜୟକୁମାର



ସୁଶ୍ରୀ ନେହା ଗେହୀ

ପୋଷଣକୁ ଜାତୀୟ ଗୁରୁତ୍ୱର ବିଷୟରେ ପରିଣତ କରାଯାଇଛି । ତଥାପି, ଗୋଷ୍ଠୀ -ଆଧାରିତ ପ୍ଲାଟଫର୍ମଗୁଡ଼ିକ ସହିତ ଅଧିକ ସମନ୍ୱୟ ମାଧ୍ୟମରେ ଏହି ପ୍ରୟାସଗୁଡ଼ିକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ପ୍ରତିବର୍ଷ ତରଳ ଝାଡ଼ା ଏବଂ ତୀବ୍ର ଶ୍ୱାସକ୍ରିୟା ସଂକ୍ରମଣରୁ ୭୩,୪୧୭ ଶିଶୁ ମୃତ୍ୟୁ ପାଇଁ ଅନୁପଯୁକ୍ତ ସ୍ତନ୍ୟପାନ ମୁଖ୍ୟତଃ ଦାୟୀ ବୋଲି ଆକଳନ କରାଯାଇଛି, ଯାହା ପ୍ରତିବର୍ଷ ପ୍ରାୟ ୧୬.୬ ବିଲିୟନ ଆମେରିକୀୟ ଡଲାରର ଆର୍ଥିକ ବୋଝ ସୃଷ୍ଟି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଲକ୍ଷ୍ୟ ହେଉଛି ୨୦୩୦ ମସିହା ସୁଦ୍ଧା ୭୦ ପ୍ରତିଶତ ସ୍ୱତନ୍ତ୍ର ସ୍ତନ୍ୟପାନ ହାସଲ କରିବା । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ଯାହା ମା'ମାନଙ୍କ ସମ୍ମୁଖୀନ ବିଭିନ୍ନ ପ୍ରତିବନ୍ଧକକୁ ଦୂର କରିବା ସହ ସେମାନଙ୍କୁ ପ୍ରାରମ୍ଭିକ, ଏକାନ୍ତ ଏବଂ ନିରନ୍ତର ସ୍ତନ୍ୟପାନ ପାଇଁ ଆବଶ୍ୟକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇବ । ବୈଶ୍ୱିକ ସ୍ତନ୍ୟପାନ ସଂଗ୍ରହକାରୀ ବିଭିନ୍ନ ନୀତିଗତ ପଦକ୍ଷେପ ନିମନ୍ତେ ଆହ୍ୱାନ ଜଣାଏ, ଯେଉଁଥିରେ ପ୍ରାରମ୍ଭିକ, ସ୍ୱତନ୍ତ୍ର ଏବଂ ନିରନ୍ତର ସ୍ତନ୍ୟପାନର ହାର ବୃଦ୍ଧି କରିବା ପାଇଁ ପାଣ୍ଠି ବୃଦ୍ଧି କରିବା; ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର ଦଣ୍ଡ ଲାଗୁ କରି ଶିଶୁ କ୍ଷୀର ବିକଳ୍ପ (ଆଇ.ଏମ.ଏସ.) ଆଇନର କାର୍ଯ୍ୟକାରୀ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଆଇନର ସାମଗ୍ରିକ ଗ୍ରହଣ ବୃଦ୍ଧି କରିବା; ସମସ୍ତ କର୍ମଚାରୀଙ୍କ ପାଇଁ ଅଧିକ ସମୟର ସବେତନ ମାତୃତ୍ୱ ଛୁଟି ଏବଂ ସ୍ତନ୍ୟପାନ-ଅନୁକୂଳ କାର୍ଯ୍ୟ ପରିବେଶ ସୃଷ୍ଟି; ପ୍ରସୂତି ସୁବିଧାଗୁଡ଼ିକରେ ସଫଳ ସ୍ତନ୍ୟପାନ ପାଇଁ ୧୦ଟି ପଦକ୍ଷେପ ଗ୍ରହଣ; ସ୍ୱାସ୍ଥ୍ୟ ସୁବିଧା ଏବଂ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଘନିଷ୍ଠ ସମ୍ପର୍କ ଦ୍ୱାରା ସୁଦୃଢ଼ ତଥା କୁଶଳୀ ସ୍ତନ୍ୟପାନ ପରାମର୍ଶ ପାଇଁ ବ୍ୟବସ୍ଥା ବୃଦ୍ଧି; ଏବଂ ସ୍ତନ୍ୟପାନ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ଟ୍ରାକ୍ କରିବା ପାଇଁ ଦୃଢ଼ ମନିଟରିଂ ସିଷ୍ଟମ ଆଦି ଅନ୍ତର୍ଭୁକ୍ତ । ଚଳିତ ବର୍ଷର ବିଷୟବସ୍ତୁ 'ଯାହା କାର୍ଯ୍ୟକ୍ଷମ ବ୍ୟବସ୍ଥା, ତାହାକୁ ମଜଭୁତ କର,' ଭାରତରେ ପ୍ରବର୍ତନ କରାଯାଉଥିବା ଅନେକ ପ୍ରୟାସରେ ପ୍ରତିଫଳିତ ହୋଇସାରିଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆଚରଣ ପରିବର୍ତନ ଯୋଗାଯୋଗ (ବିସିସି) ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନ ମାଧ୍ୟମରେ ସ୍ତନ୍ୟପାନ ସମ୍ବନ୍ଧୀୟ ବାର୍ତାକୁ ବ୍ୟାପକ ଜନସମାଜ ନିକଟରେ ପହଂଚାଇବାରେ ନିରନ୍ତର ପ୍ରୟାସରତ । ଏଥିସହ, ଶିଶୁ ଖାଦ୍ୟର ବିକଳ୍ପ ଭାବେ ଫର୍ମୁଲା କ୍ଷୀରର ଆକ୍ରମଣାତ୍ମକ ପ୍ରଚାରକୁ ରୋକିବା ପାଇଁ ଆଇଏମ୍ଏସ୍ ଅଧିନିୟମର କଡ଼ା କାର୍ଯ୍ୟକାରିତାକୁ ମଧ୍ୟ ସୁନିଶ୍ଚିତ କରାଯାଉଛି । ତୃଣମୂଳ ସ୍ତରରେ ପୋଷଣ ଟ୍ରାକର ଭଳି ଡିଜିଟାଲ୍ ସମାଧାନଗୁଡ଼ିକ କେବଳ ଅଙ୍ଗନୱାଡ଼ି ସେବାର ପ୍ରଭାବଶାଳୀ ନିରୀକ୍ଷଣକୁ ସୁନିଶ୍ଚିତ କରୁନାହିଁ, ବରଂ ଏହି ଆପ୍ଲିକେସନ୍ ମାଧ୍ୟମରେ ଘରୋଇ ସ୍ତରରେ ଫଳପ୍ରଦ ଆନ୍ତଃବ୍ୟକ୍ତିକ ପରାମର୍ଶ ପ୍ରଦାନ କରିବା ସହ ଶିଶୁର ଜନ୍ମଠାରୁ ସ୍ତନ୍ୟପାନ ସମ୍ବନ୍ଧୀୟ ସୂଚକଗୁଡ଼ିକର ଅନୁଧ୍ୟାନ ପାଇଁ ଆବଶ୍ୟକ ସୁବିଧା ମଧ୍ୟ ଉପଲବ୍ଧ କରାଉଛି । ସମ୍ପ୍ରତି ଆରମ୍ଭ ହୋଇଥିବା ହୋମ୍ ଭିଜିଟ୍ ସିଡ୍ୟୁଲ୍, ଯାହା ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ସମନ୍ୱୟ ରକ୍ଷା କରି ମିଳିତ ଘର ପରିଦର୍ଶନର ଯୋଜନା ପ୍ରସ୍ତୁତ କରେ, ଏବଂ ବେନିଫିସିଆରି ମଡ୍ୟୁଲ୍, ଯାହା ମାଧ୍ୟମରେ ହିତାଧିକାରୀମାନେ ସମନ୍ୱିତ ସୂଚନାମୂଳକ ଭିଡିଓ ଦେଖିପାରନ୍ତି, ଏହି ଦିଗରେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସ୍ୱାସ୍ଥ୍ୟ ଓ ପୋଷଣ ବ୍ୟବସ୍ଥାରେ ଏହି ପ୍ରୟାସଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଭାରତରେ ସ୍ତନ୍ୟପାନ କ୍ଷେତ୍ରରେ ରହିଥିବା ବ୍ୟବଧାନକୁ ଦୂର କରିବା ସହ ଦେଶର ନିଜସ୍ୱ ପୋଷଣ ଲକ୍ଷ୍ୟ ଏବଂ ୨୦୩୦ ସୁଦ୍ଧା ବିଶ୍ୱସ୍ତରୀୟ ଲକ୍ଷ୍ୟ ହାସଲ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ।

***(ଲେଖକ ଦ୍ୱୟ ଯଥାକ୍ରମେ ହେଉଛନ୍ତି ଅନୁବାଦ ସଲ୍ୟୁସନ୍ସ ସଂସ୍ଥାର ଗବେଷଣା ମୁଖ୍ୟ ଏବଂ ପୁଷ୍ଟି ମୁଖ୍ୟ)***

**NOTICE**

By virtue of an affidavit sworn before Notary Public, Balasore, dated 5.8.2026 I, Jitu Jena, Address At.-Baulagadia, P.O.-Iswarpur, P.S.-Nilagiri, Dist.-Balasore, Odisha-756042 declare that I have changed my name from Jitendra Jena to Jitu Jena. Henceforth, I shall be known as Jitu Jena for all purposes.

**Sd/-**
**Jitu Jena**

# ପାନ ଚାଷୀ ସମନ୍ୱୟ ସମିତି ପକ୍ଷରୁ ଚାଷୀଙ୍କ ସମାବେଶ ଅନୁଷ୍ଠିତ




ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଂଚାୟତର କାଇଁଚ ଖୋଲିଆ କାଳୀମନ୍ଦିର ସମ୍ମୁଖରେ ବୁଧବାରର ଗଦାଧର ଗିରି ପାନ ଚାଷୀ ସମନ୍ୱୟ ସମିତି ପକ୍ଷରୁ ଚାଷୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ଦକ୍ଷିଣ ବାଲିଆପାଳର ସମୁଦ୍ର କୂଳିଆ ବିଭିନ୍ନ ପଂଚାତରୁ ପାନ ଚାଷୀମାନେ ଯୋଗ ଦେଇ ସରକାର ପାନଚାଷକୁ କୃଷିର ମାନ୍ୟତା ଦେଉ ନଥିବାରୁ କ୍ଷୁବ ପ୍ରକାଶ କରିଥିଲେ । ଚାଷୀ ନେତା ମାନେ କହିଥିଲେ କି ସରକାର ପାନ ଚାଷକୁ ଯେ ପର୍ଯ୍ୟନ୍ତ କୃଷିର ମାନ୍ୟତା ଦେଇ ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବା ସହିତ କଗୁବ ଶୀଘ୍ର ପାନ ଚାଦିଙ୍କୁ ନେଇ ରାଜ୍ୟସ୍ତରୀୟ ଆନ୍ଦୋଳନ କରାଯିବାର ଚେତାବନୀ ଦେଇଥିଲେ । ଏହି ଅବସରେରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାନଚାଷୀ ସମାବେଶରେ ଓଡ଼ିଶା ପାନ ଚାଷୀ ସମନ୍ୱୟ ସମିତି ର ସଭାପତି ବିକାଶ ଚନ୍ଦ୍ର ଗିରି ଯୋଗ ଦେଇ ପାନ ଚାଷ କୁ କୃଷିର ମାନ୍ୟତା ଓ ଦକ୍ଷିଣ ବାଲିଆପାଳ ରେ ଏକ ପାନ ପ୍ରୋସେସିଙ୍ଗ ୟୁନିଟ ସ୍ଥାପନ ପାଇଁ ପାନ ଚାଷୀ ଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ବାଲିଆପାଳରେ ପାନ ପ୍ରୋସେସିଙ୍ଗ ୟୁନିଟ ସ୍ଥାପନ ଦ୍ୱାରା ଚାଷୀ କି ପ୍ରକାରର ଲାଭ ପାଇ ପାରିବେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାନ ଚାଷୀ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରାୟ, ଯଦୁ ନାଥ ବେହେରା, ବଳରାମ ଦାସ, ରଜନୀ ପ୍ରଧାନ, ସଂଗ୍ରାମ ହାଜିରା, କାଶୀନାଥ ଗିରି ଙ୍କ ସହିତ ବହୁ ପାନ ଚାଷୀ ଏହି ସମାବେଶରେ ଯୋଗଦେଇ ନିଜର ମତ ରଖିଥିଲେ ।

# ଶ୍ରୀଜଗନ୍ନାଥଙ୍କୁ ନେଇ ଆନିମେସନ କାର୍ଟୁନ୍ ସିନେମା ବିରୁଦ୍ଧରେ ସାମ୍ବାଦିକ ସମ୍ମିଳନୀ

କଟକ(ନିପ୍ର): ଓଡ଼ିଆର ପ୍ରାଣେଶ୍ୱର, ହୃଦୟର ସ୍ପନ୍ଦନ ତଥା ବିଶ୍ୱ ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ଓଡିଆଜାତିର ମଉଡମଣି । ଅନନ୍ତ କାଳରୁ ଏପରିକି ଯୁଗର ଅୟମାରମ୍ଭ ପୂର୍ବରୁ କାଳଖଣ୍ଡରେ ନୀଳଶୈଳଠାରେ ମହାପ୍ରଭୁଙ୍କ ନିତ୍ୟ ବାସସ୍ଥଳୀ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । କାଳକ୍ରମେ ସତ୍ୟଯୁଗରେ ବ୍ରହ୍ମାଙ୍କର ପଂଚମ ପିଢ଼ିର ସତ୍ୟନିଷ୍ଠ, ବେଦଜ୍ଞ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆକୁଳ ନିବେଦନ ଓ ପ୍ରାର୍ଥନାରେ ନିରାକାର ବ୍ରହ୍ମଙ୍କର ସାକାର ସ୍ୱରୂପ ଆମ୍ଭମାନଙ୍କ ପାଇଁ ଗୌରବର ବିଷୟ । ସେଥିପାଇଁ ଓଡ଼ିଆ ଜାତି ତାର ସର୍ବସ୍ୱ ମହାପ୍ରଭୁଙ୍କ ଶ୍ରୀଚରଣତଳେ ସମର୍ପି ଦେଇଛି । ସେହି ମହାପ୍ରଭୁଙ୍କୁ ନେଇ ଆନିମେସନ କାର୍ଟୁନ୍ ଜରୀଆରେ ଫିଲ୍ମ ତିଆରି କରି କିଛି କୁଚକ୍ରୀ ଗୋଷ୍ଠୀ ଅଶାସ୍ତ୍ରୀୟ ଢଙ୍ଗରେ ମନଗଢା କାହାଣୀ ମାଧ୍ୟମରେ ଆଗାମୀ ଯୁବପିଢୀ ମାନଙ୍କୁ ଭ୍ରମିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି । ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଏବଂ ଗୋବର୍ଦ୍ଧନ ମଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମହାଭାଗ ମଧ୍ୟ ଏପରି କାର୍ଯ୍ୟ ନକରିବା ପାଇଁ ପରାମର୍ଶ ଦେଇଛନ୍ତି । ଏପରି ଫିଲ୍ମ ପ୍ରେକ୍ଷାଳୟରେ ଦୃଶ୍ୟମାନ ହେଲେ ଆମ ମହାପ୍ରଭୁଙ୍କର ନିନ୍ଦା ହେବା ସହିତ ତାଙ୍କର ଅମର୍ଯ୍ୟାଦା ହେବ ବୋଲି ଦୃଢ଼ ପ୍ରତିବାଦ କରାଯାଇଛି । ସର୍ବୋତମ ନ୍ୟାୟାଳୟର ନ୍ୟାୟ ମୂର୍ତିଙ୍କୁ ନିବେଦନାତ୍ମକ ପ୍ରାର୍ଥନା କରୁଛନ୍ତି କି ଏଭଳି ଧାର୍ମିକ ପ୍ରସଙ୍ଗରେ ସର୍ବୋଚ୍ଚ ଧର୍ମଗୁରୁ ଗୋବର୍ଦ୍ଧନ ମଠ, ପୁରୀର ଶଙ୍କରାଚାର୍ଯ୍ୟ ମହାଭାଗଙ୍କ ପରାମର୍ଶ ନେଇ ପ୍ରଦତ ରାୟର ପୁନର୍ବିଚାର କରି ଏଭଳି ଆନିମେସନ କାର୍ଟୁନ୍ ସିନେମାକୁ ପ୍ରେକ୍ଷାଳୟରେ ନ ପ୍ରଦର୍ଶନ କରିବା ପାଇଁ ଆଦେଶ ପ୍ରଦାନ କରନ୍ତୁ । ଏଭଳି ସଙ୍ଗୀନ ପ୍ରସଙ୍ଗରେ ମାନ୍ୟବର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମେତ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଯେ ସେମାନେ ବିଶ୍ୱବ୍ରହ୍ମାଣ୍ଡ ମାଲିକଙ୍କ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଦିଗରେ ଶୀଘ୍ର ତତ୍ପର ହୋଇ ସର୍ବୋଚ୍ଚ ନ୍ୟାୟାଳୟରେ ପ୍ରଦତ ରାୟର ପୁନର୍ବିଚାର ପ୍ରସଙ୍ଗରେ ହସ୍ତକ୍ଷେପ କରନ୍ତୁ ।

# ଥାନା ପରିସରରେ ତ୍ରିନାଥ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଉଦ୍ଯାପିତ



ବେତନଟୀ(ନିପ୍ର): ବେତନଟୀ ଥାନା ପରିସରସ୍ଥ ଶ୍ରୀ ଶ୍ରୀ ତ୍ରିନାଥ ମନ୍ଦିର ପ୍ରତିଷ୍ଠାର ଏକ ବର୍ଷ ପୂର୍ତି ଅବସରରେ ଆୟୋଜିତ ତିନି ଦିନିଆ ବାର୍ଷିକ ଉତ୍ସବ ଆଜି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସଫଳତାର ସହ ଉଦ୍ ?ଯାପିତ ହୋଇଯାଇଛି । ଶ୍ରୀ ଶ୍ରୀ ତ୍ରିନାଥ ମନ୍ଦିର ଟ୍ରଷ୍ଟ ତରଫରୁ ଆୟୋଜିତ ଏହି ଉତ୍ସବରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ତ୍ରିନାଥଙ୍କ କୃପା ଭିକ୍ଷା କରିଛନ୍ତି । ୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ବାର୍ଷିକ ଉତ୍ସବରେ ଶାସ୍ତ୍ରୀୟ ବିଧି ଅନୁସାରେ ହୋମଯଜ୍ଞ ଓ ପୂଜାକାର୍ଯ୍ୟ ପରିଚାଳିତ ହୋଇଥିଲା । ଆଜି ଅପରାହ୍ନ ୧ ଘଟିକାରୁ ୫ ଘଟିକା ପର୍ଯ୍ୟନ୍ତ ମୁଖ୍ୟ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହେବା ସହ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ବେତନଟୀ ଓ ଏହାର ଆଖପାଖ ଅଂଚଳର ବିଭିନ୍ନ ଗ୍ରାମରୁ ଶହ ଶହ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଆସି ପ୍ରସାଦ ସେବନ କରିବା ସହ ପ୍ରଭୁ ତ୍ରିନାଥଙ୍କ ଆଶୀର୍ବାଦ ଲାଭ କରିଥିଲେ । ଏହି ଉତ୍ସବରେ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମିନତି ବିଶ୍ୱାଳ, ବେତନଟୀ ଥାନାର ପୂର୍ବତନ ଆଇଆଇସି ତଥା ଏହି ମନ୍ଦିର ନିର୍ମାଣର ପ୍ରମୁଖ ସୂତ୍ରଧର ସସ୍ମିତା ମହାନ୍ତ ଉପସ୍ଥିତ ଥିଲେ । ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଥାନା ପରିସରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ସହ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତମ ସମ୍ପର୍କ ସ୍ଥାପନ କରିବାରେ ଏହି ମନ୍ଦିର ଏକ ସେତୁ ସଦୃଶ କାର୍ଯ୍ୟ କରୁଛି । ସ୍ଥାନୀୟ ଜନସାଧାରଣ ଓ ଟ୍ରଷ୍ଟର ସହଯୋଗ ଯୋଗୁଁ ଏହି ବାର୍ଷିକ ଉତ୍ସବ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିଛି ।

# ପାରାଦୀପ କଂଗ୍ରେସ ଦଳର ବରିଷ୍ଠ କର୍ମୀ ଗିରିଧାରୀ ସ୍ୱାଇଁଙ୍କ ବିୟୋଗରେ ଶୋକର ଛାୟା

ପାରାଦୀପ(ନିପ୍ର): ପାରାଦୀପ ଅଂଚଳର ବେସ୍ ଜଣାଶୁଣା ଓ ଲୋକ ପ୍ରିୟତା ହାସଲ କରିଥିବା କଂଗ୍ରସର ଟାଣୁଆ କର୍ମୀ ଗିରିଧାରୀ ସ୍ୱାଇଁ (୭୬)ଙ୍କ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଅଗଷ୍ଟ ୪ ତାରିଖ ମଙ୍ଗଳବାର ରାତ୍ର ୧୦ଘଟିକା ସମୟରେ ଦେହାନ୍ତ ହୋଇ ଯାଇଛି । ତାଙ୍କ ମୃତ୍ୟୁ ଖବରରେ ବନ୍ଦର ନଗରୀ ପାରାଦୀପରେ ଶୋକର ଛାୟା ଖେଳି ଯାଇଥିଲା । ମାତ୍ର କୋଡିଏ ବର୍ଷ ବୟସରେ ପାରାଦୀପ ରେ ପାଦ ଥାପି ଥିବା ସ୍ୱର୍ଗତଃ ସ୍ୱାଇଁ ଜୀବନ ସଂଗ୍ରାମରେ ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ସଫଳ ଠିକାଦାର ଭାବେ ବେସ୍ ନାଁ କମେଇଥିଲେ । ସେତେବେଳର କଂଗ୍ରେସର ଟାଣୁଆ ନେତା ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରି କଂଗ୍ରସ ଦଳର ସଂଗଠନକୁ ଉଠାଇବାରେ ତାଙ୍କର ଦକ୍ଷତାକୁ ଆଜିବି କଂଗ୍ରସ ପ୍ରେମୀ ମାନେ ଝୁରୁଛନ୍ତି । ଶରୀର ଅସୁସ୍ଥ କାରଣରୁ ଏକ ଘରୋଉ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତ ଖବର ପାଇ ହସ୍ପିଟାଲ ରେ ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ, କଂଗ୍ରେସ ଜିଲ୍ଲା ସମ୍ପାଦକ ସରୋଜ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ହରିହର ନାୟକ ପ୍ରମୁଖ ପହଂଚି ଶେଷ ଦର୍ଶନ କରିବାସହ ପୁରୀ ସ୍ୱର୍ଗଦ୍ୱାର ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ଗିରିଧାରୀ ସ୍ୱାଇଁ ଙ୍କ ଏକ ମାତ୍ର ପୁତ୍ର ନିହାର ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରଶାଦ ନାୟକ, ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକଙ୍କ ସମେତ ଯୁବ ନେତା ଜ୍ୟୋତି ରଞ୍ଜନ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ପଦ୍ମଶମ୍ଭୁତ ମହାନ୍ତି (କାଳିଆ ), ମେଘା, ବିଜୟ ସେଠୀ, ନାରୀନେତ୍ରୀ ଧରିତ୍ରୀ ସାମଲ, ପୁଷ୍ପା ଦାସଙ୍କ ସମେତ ବହୁ କଂଗ୍ରସ କର୍ମୀ, ଶୁଭେଚ୍ଛୁ ଆତ୍ମୀୟ ସ୍ୱଜନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ବିୟୋଗରେ ପାରାଦୀପ ନଗର କଂଗ୍ରସରେ ଅପୂରଣୀୟ କ୍ଷତି ହେଲା ବୋଲି ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ କହିଥିବା ବେଳେ ଦଳ ଜଣେ ଟାଣୁଆ କର୍ମୀକୁ ହରାଇଲା ବୋଲି କହିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକ ।

# ଭୀମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବୁଧବାର ଦିନ ଭିମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅସ୍ଥିଶଲ୍ୟ ବିଭାଗରେ ୧୮୦, ଚକ୍ଷୁରେ ୫୨, ମାନସିକ ଅଗ୍ରସର ବିଭାଗରେ ୩୯, ବିବିଧରେ ୧୪ ମୋଟ ୨୮୫ ପଞ୍ଜିକରଣ କରିବା ପରେ ଡାକ୍ତରଙ୍କ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ତଥା ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଏଥିରେ ଯୋଗ ଦେଇଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରୟଣ ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ । ତେବେ ନାଶା, କର୍ଣ୍ଣ ଓ ଗଳା ବିଭାଗରେ କୌଣସୀ ଡାକ୍ତର ଆସି ନ ଥିବାରୁ ଦୁରଦୁରାନ୍ତରୁ ଆସିଥିବା ପାଖାପଖି ୫୦ଜଣ ଦିବ୍ୟାଙ୍ଗ ନିରାଶାରେ ଫେରିଯିବାକୁ ବାଧ୍ୟ ହୋଇଥିଲେ । ବୁଧବାର ବିଭିନ୍ନ ବିଭାଗରେ ଡାକ୍ତର ନଆସିବା ତଥା ୨୦୨୪-୨୫ ଓ୨୫-୨୬ରେ ପ୍ରମାଣପତ୍ର ପାଇଁ ଆବଦେନ କରିଥିବା ବହୁ ଦିବ୍ୟାଙ୍ଗଙ୍କୁ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ମିଳିନଥିବାରୁ ଏଭଳି ଶିବିର କେବଳ ପ୍ରହସନ ବୋଲି ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି । ଏଥିସହ ହାତଲେଖାରେ ୮୦ପ୍ରତିଶତର ପ୍ରମାଣପତ୍ର ପାଇଥିବା ଦିବ୍ୟାଙ୍ଗଙ୍କର ଏହି ପ୍ରମାଣପତ୍ରକୁ ଅନଲାଇନରେ ପ୍ରଦାନକୁ ବାଧ୍ୟତା ମୂଳକ କରିବାକୁ ଦାବି କରିଛନ୍ତି ।





# ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କଲେ ମନ୍ତ୍ରୀ ବିଭୁତି ଭୂଷଣ ଜେନା

ବ୍ରହ୍ମପୁର (ନି.ପ୍ର.): ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଷ୍ଠାପର ଜନସେବା ଓ ଉଚ୍ଚ ମାନବୀୟ ସମ୍ବେଦନଶୀଳତାର ଆଉ ଏକ ଦୃଷ୍ଟାନ୍ତ ସାମ୍ନାକୁ ଆସିଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବ୍ରହ୍ମପୁର ରେଳଷ୍ଟେସନ୍ ଠାରେ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୋଳନ୍ଥରା ସ୍ଥିତ 'ବନ୍ଦେ ମାତରମ୍' କାର୍ଯ୍ୟାଳୟକୁ ଫେରୁଥିବା ସମୟରେ, ଜାତୀୟ ରାଜପଥ କନିସି ସ୍ଥିତ ଇଣ୍ଡିଆନ୍ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଟୋ ଭୟାବହ ସଡ଼କ ଦୁର୍ଘଟଣା ଘଟିଥିବା ମାନ୍ୟବର ମନ୍ତ୍ରୀ ଦେଖିବାକୁ ପାଇଥିଲେ । ଦୁର୍ଘଟଣାଗ୍ରସ୍ତ ଅଟୋରେ ଗୁରୁତର ଆହତ ହୋଇଥିବା ଦୁଇ ଜଣ ମହିଳାଙ୍କ ଚିତ୍କାର ଶୁଣି ମନ୍ତ୍ରୀ ଶ୍ରୀ ଜେନା କ୍ଷଣେ ମାତ୍ର ବିଳମ୍ବ ନକରି ସଙ୍ଗେ ସଙ୍ଗେ ନିଜ କାର୍ଫିଲା



ରଖାଇଥିଲେ । ଜଣେ ଦାୟିତ୍ୱବାନ ଜନପ୍ରତିନିଧି ଭାବେ ନିଜର ସମସ୍ତ ସୁରକ୍ଷା ଓ ବ୍ୟକ୍ତିଗତ ବ୍ୟସ୍ତତାକୁ ପଛରେ ପକାଇ, ସେ ନିଜେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଜରୁରୀକାଳୀନ ଚିକିତ୍ସାର ମହତ୍ୱକୁ ବୁଝି ସେ ତୁରନ୍ତ ନିଜର ପୋଲିସ ଏସ୍କର୍ଟ ଗାଡ଼ି ମାଧ୍ୟମରେ ସେମାନଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିଥିଲେ । କେବଳ ସେତିକି ନୁହେଁ, ଆହତମାନେ ଯେପରି ବିନା ବିଳମ୍ବରେ ଉତ୍ତମ ଓ ଜରୁରୀକାଳୀନ ଚିକିତ୍ସା ସେବା ପାଇପାରିବେ, ସେଥିପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ସିଧାସଳଖ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଓ ସୁସ୍ଥତା କାମନା କରି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦର୍ଶନ କରିଥିବା ଏହି ତ୍ୱରିତ ପଦକ୍ଷେପ ଓ ମାନବୀୟ ମନୋଭାବକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କ ସହ ପଂଚାୟତ ଲୋକଙ୍କ ସାକ୍ଷାତ ଆଲୋଚନା

ଭଦ୍ରକ(ନିପ୍ର): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭଦ୍ରକ ଜିଲ୍ଲାରେ ଦେଖାଦେଇଥିବା କେତକ ବନ୍ୟାଂଚଳ ପରିଦର୍ଶନ କରି ପଂଚାୟତ ଲୋକ ଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଥିଲେ । ଜିଲ୍ଲାର ତିହିଡି ବ୍ଲକ ଗୋବିନ୍ଦପୁର ପଂଚାୟତ ଏବଂ ବାରସର ପଂଚାୟତ ରେ ଉପ ମୁଖ୍ୟମନ୍ତ୍ରୀ ପହଂଚି ବିପନ୍ନ ଲୋକ ଏବଂ ଚାଷୀ ଙ୍କ ସହିତ ବାର୍ତାଳାପ କରି ସମବେଦନା ଜଣାଇଥିଲେ । ଚଳିତ ଭଦ୍ରକ ଜିଲ୍ଲା ବନ୍ୟା ରେ ସାଳନ୍ଦୀ ନଦୀ ଓ ବୈତରଣୀ ନଦୀ ବନ୍ୟା ଯୋଗୁଁ ଧାମନଗର, ଭଣ୍ଡାରି ପୋଖରୀ, ତିହିଡି , ଚାନ୍ଦବାଲି, ଭଦ୍ରକ, ବାସୁଦେବପୁର, ଏପରି ୬ ଟି ବ୍ଲକ ର ୧୨୬ ଟି ଗ୍ରାମ ପଂଚାୟତର ୫୦୩ ଟି ଗ୍ରାମର ୫ ଲକ୍ଷ ୪୬ ହଜାର ୯୨୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩



ଟି ପୌରାଂଚଳ ର ୩୧ ଟି ୱାର୍ଡ ପ୍ରଭାବିତ ହୋଇ ଥିବା ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗ ଦେଇ ବିଭିନ୍ନ ବିଭାଗର ଅଧିକାରୀ ଙ୍କ ସହିତ ବନ୍ୟା କ୍ଷୟ କ୍ଷତି ର ଆଲ୍ଲୋଚନା କରି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ ।ଜିଲ୍ଲାରେ ୨ ଲକ୍ଷ ୨୬ ହଜାର ୫୩୦ ଜଣ ଲୋକ ଙ୍କୁ ଙ୍କୁ ସୁରକ୍ଷିତ ଭାବେ ୩୪୬ ଟି ଆଶ୍ରୟ ସ୍ଥଳ ରେ ରଖାଯାଇଥିଲା । ପ୍ରାୟ ୩୦୦ ବାସଗୃହ କ୍ଷତି ଗ୍ରସ୍ତ ହେବା ସହ ୧ ଲକ୍ଷ ୨୭ ହଜାର ୮୦୭ ଟି ପଶୁଧନ ପ୍ରଭାବିତ ହୋଇଛନ୍ତି । ୩୪୬ ଟି ରନ୍ଧନ ଶାଳା ରେ ରନ୍ଧା ଖାଦ୍ୟ ବିପନ୍ନ ଙ୍କୁ ଦିଆଯାଇଥିଲା ।ପ୍ରଭାବିତ ବନ୍ୟା ଅଂଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପରିମଳ ବ୍ୟବସ୍ଥା, ନଳ କୂପ ବିଶୋଧନ, କାର୍ଯ୍ୟ ପଦକ୍ଷେପ ନେବାକୁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ଏବଂ ବନ୍ୟାରେ ଭାଙ୍ଗି ଯାଇଥିବା ସଠିକ୍ ବାସଗୃହ ଚାଷ ଜମି, ଆକଳନ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଉପ ମୁଖ୍ୟମନ୍ତ୍ରୀ ଙ୍କ ସହିତ ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ସିତାଂଶୁ ଶେଖର ମହାପାତ୍ର , ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ପ୍ରମୁଖ ଯୋଗ ଦେଇଥିଲେ ।

# ବୋରିଗୁମ୍ମାରେ ରନ୍ଧନ ଗ୍ୟାସକୁ ନେଇ ଯୁବଗୋଷ୍ଠୀଙ୍କ ଦାବିପତ୍ର

ବୋରିଗୁମ୍ମା (ନି.ପ୍ର.)- ବୋରିଗୁମ୍ମାକୁ ଏନ୍?ଏସି ମାନ୍ୟତା ମିଳିଥିଲେ ମଧ ଏବେ ବି ଖାଉଟିମାନେ ସହରାଂଚଳର ସୁବିଧାରୁ ବଂଚିତା। ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣରେ ୪୫ ଦିନର ସମୟ ସୀମା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ବୋରିଗୁମ୍ମା ଯୁବଗୋଷ୍ଠୀ ପକ୍ଷରୁ ଏକ ରାଲି କରାଯାଇ ଏନ୍?ଏସିର ଭାରପ୍ରାପ୍ତ



କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ସୋଭନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ବୋରିଗୁମ୍ମାକୁ ଏନ୍?ଏସି ମାନ୍ୟତା ମିଳିଥିଲେ ମଧ ଖାଉଟି ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ ପାଇଁ ଏବେ ବି ୪୫ ଦିନର ବ୍ୟବଧାନ ରହିଛି । ଫଳରେ ଅନେକ ପରିବାରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଗ୍ୟାସ ସରିଯାଉଥିବା ବେଳେ ପୁଣିଥରେ ପଞ୍ଜିକରଣ କରିପାରୁ ନାହାନ୍ତି । ଏହାଦ୍ୱାରା ଦୈନନ୍ଦିନ ରନ୍ଧନ କାର୍ଯ୍ୟ ବ୍ୟାହତ ହେଉଥିବା ସହ ଖାଉଟିମାନେ ନାନା ସମସ୍ୟାରେ ପଡୁଛନ୍ତି ।ସରକାରୀ ନିୟମ ଅନୁଯାୟୀ ସହରାଂଚଳରେ ପ୍ରତି ୨୫ ଦିନ ବ୍ୟବଧାନରେ ଏକ ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ କରିବାର ବ୍ୟବସ୍ଥା ରହିଛି । ବୋରିଗୁମ୍ମା ଏବେ ସରକାରୀ ଭାବେ ଏନ୍?ଏସି ମାନ୍ୟତା ପାଇଥିବାରୁ ଏହି ନିୟମକୁ ତୁରନ୍ତ ଲାଗୁ କରିବାକୁ ଯୁବଗୋଷ୍ଠୀ ଦାବି କରିଛନ୍ତି ।ଏହି ଦାବି ନେଇ ଯୁବଗୋଷ୍ଠୀ ପକ୍ଷରୁ ଏକ ରାଲି ବାହାର କରାଯାଇ ବୋରିଗୁମ୍ମା ଏନ୍?ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ସୋଭନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଯେହେତୁ ବୋରିଗୁମ୍ମା ମଧ ଅତି ନିକଟରେ ସରକାରୀ ସ୍ତରରେ ସହରାଂଚଳ ର ମାନ୍ୟତା ପାଇସାରିଛି ତେଣୁ ୪୫ ଦିନ ପରିବର୍ତ୍ତେ ପଞ୍ଜିକରଣ ସମୟସୀମାକୁ ୨୫ ଦିନକୁ କମାଇ ବୋରିଗୁମ୍ମା ଏନ୍?ଏସି ଅଂଚଳରେ ସହରାଂଚଳର ନିୟମ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରଶାସନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।ଦାବି ପତ୍ର କୁ ଉପରସ୍ତ ଅଧିକାରୀ ଙ୍କୁ ଯଥା ଶୀଘ୍ର ପ୍ରେରଣ କରାଯିବ ବୋଲି କହିଛନ୍ତି ବିଡ଼ିଓ ସୁକାନ୍ତ କୁମାର ପଟନାୟକ ।

# ଓଡ଼ିଶା ୱକଫ୍ ବୋର୍ଡ ପକ୍ଷରୁ ଧାମନଗରର ଖାନକା ହବିବିଆର ମତଓ୍ୱଲିଙ୍କୁ ସୀକୃତି

ଧାମନଗର (ନି.ପ୍ର.) ଓଡ଼ିଶା ୱକାଫ ବୋର୍ଡ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଐତିହାସିକ ଖାନକା ହବିବିଆ ମହଜିଦ ପାଇଁ ନୂତନ ମୁତଓ୍ୱଲି ନିଯୁକ୍ତି ତଥା ସୀକୃତି ଦିଆଯାଇଛି ।ଓଡ଼ିଶା ୱକଫ ବୋର୍ଡର ଚିଠି ନମ୍ବର ୧୩୯୨ (୨)ଓବିଡବ୍ଲୁହବିବିଆ ତାରିଖ ୦୪.୦୮.୨୦୨୬ ଅନୁଯାୟୀ, ୧୯୯୫ ୱକଫ ଆଇନର ଧାରା ୩୨(ଗ) ଏବଂ ୯୯(୨)(ଖ) ଅଧିକାର ବଳରେ ତଥା ୨୦୨୫ ସଂଶୋଧିତ ୱକଫ ଆଇନ ଅନୁସାରେ, ସ୍ୱର୍ଗତ ଗୋଲାମ ମହମ୍ମଦ ହବିବୀ ଙ୍କ ପୁତ୍ର ସୟଦ୍ ମହମ୍ମଦ ହବିବ ସୀକୃତି ପ୍ରଦାନ କରା ଯାଇଚି । ସୁଚନା ଥାଉକି ଏହି ମହଜିଦ ରେ ମତଓ୍ୱଲି ଭାବେ ସ୍ୱର୍ଗତ ଗୋଲାମ ମହମ୍ମଦ ହବିବୀ ଦୀର୍ଘ ଦିନ ଧରି ସୁଚାରୁରୂପେ ଦାୟିତ୍ୱ ତୁଲାଉଥିଲେ । ଗତ ୨୦୧୯ ମସିହା ରେ ପୂର୍ବତନ ମତଓ୍ୱଲି ମୌଲାନା ଶୟଦ ଗୋଲାମ ମହମ୍ମଦ ହବିବି ପିରବାବା ଙ୍କ ବାର୍ଷିକ ଉତ୍ସବ ରେ ତାଙ୍କର ପୁତ୍ର ମୌଲାନା ସୟଦ ମହମ୍ମଦ ହବିବି ଙ୍କୁ ମତଓ୍ୱଲି ଭାବେ ଘୋଷଣା କରା ଯାଇଥିଲା । ୨୮/ ୧୨/୨୦୨୫ ରେ ଶୟଦ ଗୋଲାମ ବାବା ଙ୍କ ଦେହାନ୍ତ ହେବା ପରେ ଏବଂ ପରବର୍ତୀ ସମୟରେ ତାଙ୍କ ପୁତ୍ର ସୟଦ ମହମ୍ମଦ ହବିବି ସମ୍ପୂର୍ଣ୍ଣ ମତଓ୍ୱଲି ଦାୟିତ୍ୱରେ ଥିଲେ, । ପରେ କିଛିବ୍ୟକ୍ତି ମତଓ୍ୱଲି ଙ୍କ ବିରୋଧ ରେ ଓଡ଼ିଶା ୱକାପ ବୋର୍ଡ ରେ ଅଭିଯୋଗ କରିଥିଲେ । ତାହାକୁ ଚେଲେଞ୍ଜ କରି ପ୍ରତିପକ୍ଷ ମଧ ଦ୍ୱାରସ୍ଥ ହୋଇଥିଲେ ଶେଷରେ ପୁଣି ଶୟଦ ମହମ୍ମଦ ହବିବି ଙ୍କ ମତଓ୍ୱଲି ପଦ ଓଡ଼ିଶା ୱାକଫ ବୋର୍ଡ କାୟମ ରଖିଛନ୍ତି । ତେବେ ୪ ତାରିଖ ଦିନ ଏହି ଘୋଷଣା ପରେ ଖାନକା ସରିଫ ର ମତଓ୍ୱଲି ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏକ ବିଶାଳ ଶୋଭାଯାତ୍ରା ରେ ବଜାର ପରିକ୍ରମା କରି ତାଙ୍କ ବାସଭବନ କୁ ନେଇ ଥିଲେ ସେଠାରେ ମଧ ସମସ୍ତ ମିଠା ଖାଇ ଖୁସି ମନାଇ ଥିଲେ ।

# ଖଡ଼ିଆଳ-ବୋଡେନ୍ ରାସ୍ତାର ପଲସଦା ବ୍ରିଜରେ ସୁରକ୍ଷା ବାଡ଼ ଭାଙ୍ଗିଲା: ଦୁର୍ଘଟଣା ଆଶଙ୍କା

ନୂଆପଡ଼ା,(ନି.ପ୍ର.) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରୁ ବୋଡେନ ଭାୟା ପଲସଦା ପିଡବ୍ଲୁଡି ରାସ୍ତା ଉପରେ ଥିବା ପଲସଦା ବ୍ରିଜର ସୁରକ୍ଷା ବାଡ଼ ୭୦ ପ୍ରତିଶତ ଭାଙ୍ଗିଯିବା ପରେ ଯାତ୍ରୀ ଓ ଯାନବାହନ ଚଳାଚଳ ପାଇଁ ବିପଦ ସୃଷ୍ଟି ହୋଇଛି । ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବା ସହ ନୂତନ ଓସାରିଆ ବ୍ରିଜ୍ ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।ଚଳିତ ସପ୍ତାହରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ବ୍ରିଜ୍ ଉପରେ ୩ ଫୁଟରୁ ଅଧିକ ଉଚ୍ଚତାରେ ପାଣି ପ୍ରବାହିତ ହୋଇଥିଲା । ପାଣିର ସ୍ରୋତ ଏତେ ଜୋରେ ଥିଲା ଯେ ବ୍ରିଜର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ ୭୦ ପ୍ରତିଶତ ଭାଙ୍ଗି ଯାଇଛି ।ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରୁଛି । ସୁରକ୍ଷା ବାଡ଼ ନ ଥିବାରୁ ପାଦରେ ଚାଲୁଥିବା ବାଟୋଇ, ମୋଟର ସାଇକେଲ ଓ ଚାରି ଚକିଆ ଯାନରେ ଯାତ୍ରା କରୁଥିବା ଲୋକେ କେତେବେଳେ ବି ଦୁର୍ଘଟଣାର ଶିକାର ହୋଇପାରନ୍ତି ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି । ବିଶେଷକରି ରାତି ସମୟରେ ଦୃଶ୍ୟମାନତା କମ୍ ଥିବାରୁ ବିପଦ ଅଧିକ ।ପିଡବ୍ଲୁଡି ବିଭାଗ



ତୁରନ୍ତ ଭାଙ୍ଗିଥିବା ସୁରକ୍ଷା ବାଡ଼କୁ ମରାମତି କରି ଯାତାୟାତକୁ ସୁରକ୍ଷିତ କରନ୍ତୁ ।ନୂତନ ଓସାରିଆ ବ୍ରିଜ୍ ନିର୍ମାଣ କରାଯାଉ ।ପଲସଦା ବ୍ରିଜ୍ ବହୁ ବର୍ଷ ତଳର ଓ ଅତ୍ୟନ୍ତ ସଂକୀର୍ଣ୍ଣ । ବର୍ତମାନ ଯାନବାହନ ଚାପ ବଢ଼ିଥିବାରୁ ବ୍ରିଜର ସ୍ଥାୟିତ୍ୱ ପ୍ରତି ସତର୍କ ରହିବା ଜରୁରୀ ହୋଇପଡିଛି । ତେଣୁ ଏଠାରେ ଏକ ନୂତନ ଓସାରିଆ ବ୍ରିଜ୍ ନିର୍ମାଣ କରାଯାଉ । ସ୍ଥାନୀୟ ଲୋକେ କହିଛନ୍ତି, ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନେବ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ।

# ୨୦୨୬-୨୦୨୭ ବର୍ଷ ବିଧାନ ସଭା ବିଭାଗୀୟ ସ୍ଥାୟୀ କମିଟି (ଦଶମ) ଙ୍କ ଖୋରଧା ଜିଲ୍ଲା ପରିଦର୍ଶନ

ଖୋରଧା :ଆଜି ଓଡ଼ିଶା ବିଧାନ ସଭାର ବିଭାଗୀୟ ସ୍ଥାୟୀ କମିଟି (ଦଶମ) ମାନ୍ୟବର ବିଧାୟକ, ଆଠଗଡ଼, ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଙ୍କ ନେତୃତ୍ୱରେ , ବିଧାନ ସଭା ମୁଖ୍ୟ ସଚେତକ , ମାନ୍ୟବର ବିଧାୟକ, ବଉଦ, ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ, ମାନ୍ୟବର ବିଧାୟକ, ଚିତ୍ରକୁଣ୍ଡା, ଶ୍ରୀଯୁକ୍ତ ମଙ୍ଗୁ ଖିଲା, ମାନ୍ୟବର ବିଧାୟକ , ସୋରୋ, ଶ୍ରୀଯୁକ୍ତ ମାଧବ ଧଡା ଏକ ଦିନିକିଆ ଖୋରଧା ଜିଲ୍ଲା ଗସ୍ତରେ ଆସି ଛତାବର ନିକଟସ୍ଥ ଓଡ଼ିଶା ରାଜ୍ୟ ପାନୀୟ ତଥା ପେୟ ଦ୍ରବ୍ୟ ନିଗମ ଭଣ୍ଡାର ଘର,ପରେ ଯୁବିଲି ବଟଲର ପ୍ରାଇଭେଟ୍ ଲିମିଟେଡ ପରେ ୟୁନାଇଟେଡ ବ୍ରିଓରିଜ୍ ପ୍ରାଇଭେଟ୍ ଲିମିଟେଡ, ଜିଲ୍ଲା ଅବକାରୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଖୋରଧା ଜିଲ୍ଲା କୁ ନିଶାମୁକ୍ତ କରି ଭାରତ ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଗୁରୁତ୍ୱାରୋପ କରି ତୃଣମୂଳ ସ୍ତରରେ ଛାତ୍ର ଛାତ୍ରୀ ଯୁବକ ଯୁବତୀ ମାନେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ କ୍ଷ ଏହି ପରି ପ୍ରେକ୍ଷିରେ ଖୋରଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ସଂପୃକ୍ତ ଅଧିକାରୀଙ୍କ ସହ କମିଟି ବିଭିନ୍ନ ଅଗ୍ରଣୀ ଯୋଜନା ଓ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ କ୍ଷ ଅବକାରୀ ବିଭାଗର ଭିତିଭୂମି ସୁଦୃଢ କରିବାକୁ ଅବକାରୀ ଅଧିକ୍ଷକ, ଭୁବନେଶ୍ୱର ଶ୍ରୀ ଦେବାଶିଷ ପଟେଲ କମିଟି ର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ମାନ୍ୟବର ବିଧାୟକ ବୃନ୍ଦ ଖୋରଧା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଜବତ କରାଯାଇଥିବା ଯାନ ଗୁଡ଼ିକୁ ହଟାଇବା ଦାବିରେ ବିଧିବଦ୍ଧ ଆଇନ ଆଣିବାକୁ ଅବକାରୀ ଅଧିକ୍ଷକ, ଖୋରଧା ଶ୍ରୀମତୀ ସୁମତି ତ୍ରିପାଠୀ ପ୍ରସ୍ତାବ କମିଟି ସମ୍ମୁଖରେ ରଖିଥିଲେ କ୍ଷ କମିଟି ର ମାନ୍ୟବର ବିଧାୟକ ବୃନ୍ଦ ଅବକାରୀ ଖୋରଧା ରେଞ୍ଜ ଅଧୀନ, ଖୋରଧା,ଜଟଣୀ, ବେଗୁନିଆ, ଟାଙ୍ଗୀ ରେଞ୍ଜ ଅଧୀନ ଟାଙ୍ଗୀ ଓ ବାଲୁଗାଁ, ଜିଲ୍ଲା ମୋବାଇଲ ୟୁନିଟ୍, ଖୋରଧା, ଭୁବନେଶ୍ୱର ରେଞ୍ଜ ୧ ଅଧୀନ ଭୁବନେଶ୍ୱର -୧ , ବାଲିଅନ୍ତା, ଭୁବନେଶ୍ୱର ରେଞ୍ଜ ୨ ଅଧୀନ ଭୁବନେଶ୍ୱର ୨ , ଭୁବନେଶ୍ୱର ୩ ଏବଂ ଭୁବନେଶ୍ୱର ଜିଲ୍ଲା ମୋବାଇଲ ୟୁନିଟ୍ ର ନିଶାମୁକ୍ତ ଭାରତ ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ କର୍ମଚାରୀ ବୃଦ୍ଧି, ମଦ ଦୋକାନ ନବୀକରଣ, ବେଆଇନ ନିଶା କାରବାର ଚଢ଼ାଇକୁ ଜୋରଦାର କରିବା, ଜବତ ଧନ, ଇଣ୍ଡିଆ ମେଡ୍ ଫରେନ୍ ଲିକର ।

# ଏମ୍ ସି ଏଲ୍ ର ସିଏସଆର ପାଣ୍ଠିରେ ପିଭିଟିଜି ଅଂଚଳରେ ରାସ୍ତା ନିର୍ମାଣ ପାଇଁ ଏମ୍ଓୟୁ ସ୍ୱାକ୍ଷର

ରାୟଗଡ଼ା(ନି.ପ୍ର) ରାୟଗଡ଼ ଜିଲ୍ଲାର ମୁନିଗୁଡ଼ା ବ୍ଲକରେ ଗ୍ରାମୀଣ ସଡ଼କ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ବା ମହାନଦୀ କୋଲ୍ ଫିଲ୍ଡର କର୍ପୋରେଟ୍ ସାମାଜିକ ଦାୟିତ୍ୱ ବା ସି ଏସ ଆର ପଦକ୍ଷେପ ଅଧୀନରେ ଜିଲ୍ଲା ପ୍ରଶାସନ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନଦୀ କୋଲ୍ ଫିଲ୍ଡ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଏହି ଏମ୍ ଓ ୟୁ ସ୍ୱାକ୍ଷର ହୋଇଥିଲା । ଏହି ପ୍ରକଳ୍ପ ପାଇଁ ମୋଟ ଅନୁମୋଦିତ ବ୍ୟୟ ୧୦ କୋଟି ୨୯ ଲକ୍ଷ ୩୬ ହଜାର ୨୦୦ ଟଙ୍କା ରହିଛି । ଜିଲ୍ଲା ପ୍ରଶାସନ ପ୍ରସ୍ତୁତ କରିଥିବା ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ ଅନୁଯାୟୀ ମୁନିଗୁଡ଼ା ବ୍ଲକରେ ପ୍ରାୟ ୧୦.୩୦ କିଲୋମିଟର ଗ୍ରାମୀଣ ସଡ଼କ ନିର୍ମାଣ ସହ ୨୪ଟି କ୍ରସ୍ ଡ୍ରେନେଜ୍? ଷ୍ଟ୍ରକ୍ଚର ନିର୍ମାଣ କରାଯିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୁର୍ଗମ ଅଂଚଳର ଲୋକଙ୍କ ଯାତାୟାତ ସୁବିଧା ବୃଦ୍ଧି ପାଇବା ସହ ଶିକ୍ଷା,




ସ୍ୱାସ୍ଥ୍ୟ, ଜୀବିକା ଓ ଆର୍ଥିକ କାର୍ଯ୍ୟକଳାପରେ ମଧ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି ଯେ ଜିଲ୍ଲାର ତିନୋଟି ପିଭିଟିଜି ଚିହ୍ନଟ ବ୍ଲକ ମୁନିଗୁଡା, ବିଶମକଟକ ଓ କଲ୍ୟାଣ ସିଂହପୁର ଅଂଚଳ ଦୁର୍ଗମ ଓ ଉପାନ୍ତ ଅଂଚଳ ଭାବେ ପରିଗଣିତ ହୋଇଥିବା ବେଳେ ଏହି ବ୍ଲକର ଅନେକ ଗାଁ କୁ ଏବେ ମଧ୍ଯ ଅନେକ ସମୟରେ ଯାତାୟାତ ପାଇଁ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଯେଉଁଥି ପାଇଁ ଏହି ଅଂଚଳ ଗୁଡିକର ବିକାଶରେ ପ୍ରଶାସନ ପାଇଁ ବାଧା ସୃଷ୍ଟି ହେଉଛି । ଏହା ସହ ଏହାର ଫାଇଦା ନେଉଛନ୍ତି କିଛି ବ । ଯାହାଫଳରେ ଜିଲ୍ଲାର ଏହି ବ୍ଲକରେ ରହିଥିବା ଉପାନ୍ତ ଗାଁ ଗୁଡ଼ିକ ପାଇଁ ରାସ୍ତା ସଂଯୋଗ କରିବା ନେଇ ନିଷ୍ପତି ନିଆଯାଇଥିବା ବେଳେ ସରକାରଙ୍କ ଦ୍ୱାରା ସି ଏସ ଆର ପାଣ୍ଠି ର ବ୍ୟବହାର କରି ରାସ୍ତା ନିର୍ମାଣ କରିବା ନେଇ ଅନୁମୋଦନ ମିଳିଛି । ଏ ନେଇ ମହାନଦୀ କୋଲ୍ ଫିଲ୍ଡର ସି ଏସ ଆର ପାଣ୍ଠି ର ସହାୟତାରେ ଏହା ସଫଳ ହେବାକୁ ଯାଉଛି ବୋଲି କହିଛନ୍ତି । ଏହା ଛଡ଼ା ମହାନଦୀ କୋଲ୍ ଫିଲ୍ଡର ଜି ଏମ୍ (ସି ଏସ ଆର୍) ଜ୍ୟୋତିର୍ମୟୀ ସିହ୍ନା ଆଜି ଏଠାରେ ଉପସ୍ଥିତ ରହି ଏହି ଏମ୍ ଓ ୟୁ ଦସ୍ତଖତ କରିବା ସହ ୨୦୨୭ ମାର୍ଚ୍ଚ ସୁଦ୍ଧା ଏହାର ଟେଣ୍ଡର ପ୍ରକ୍ରିୟା କରି କାର୍ଯ୍ୟ କରିବାକୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ପରିଷଦ ଅଧିକାରୀ ତଥା ସିଡିଓ ଅକ୍ଷୟ ଖେମୁଣ୍ଡୁ, ମୁନିଗୁଡା ପଂଚାୟତ ସମିତି ଅଧିକାରୀ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ର ଅଧୀକ୍ଷଣ ଯନ୍ତ୍ରୀ ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ଖଣିଜ ପାଣ୍ଠିର ୨୪ତମ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠିର ୨୪ତମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟବରାଦରେ ୧୭୭ଟି ବିଭିନ୍ନ ବିକାଶମୂଳକ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି । ଏହି ବୈଠକରେ ଜିଲ୍ଲାର ବହୁବିଧ ବିକାଶ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯେପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ବିଶେଷ କରି ଭିତିଭୂମିର ବିକାଶ,



ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ଓ ନବୀକରଣ, ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତିଭୂମି ସୁଦୃଢ଼ୀକରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବସ୍ ସେବା, ଦକ୍ଷତା ବିକାଶ ତାଲିମ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋବାଇଲ ମେଡିକାଲ ୟୁନିଟର ପ୍ରସାର ଉପରେ ବିଶେଷ ପ୍ରାଥମିକତା ଦିଆଯାଇଛି । ବୈଠକରେ ସମୀକ୍ଷା କରି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ସମସ୍ତ ପ୍ରକଳ୍ପ ଓ ଯୋଜନାର ସଫଳତା ଯେପରି ପ୍ରତ୍ୟକ୍ଷ ଭାବେ ଖଣି ପ୍ରଭାବିତ ଅଂଚଳର ପରିବାରଗୁଡ଼ିକ ପାଖରେ ପହଂଚିପାରିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବ । ବିଶେଷ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଗ୍ରାମୀଣ ତଥା ଖଣି ଅଂଚଳର ଲୋକଙ୍କୁ ପ୍ରାଥମିକ ସେବା ଯୋଗାଇବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଛନ୍ତି । ଏହି ବୈଠକରେ ଝାରସୁଗୁଡ଼ା ବି.ଡି.ଓ ଅନିଲ କୁମାର ଆଚାର୍ଯ୍ୟ, ସମ୍ବଲପୁର ଖଣି ମଣ୍ଡଳର ଉପ-ନିର୍ଦ୍ଦେଶକ (ଖଣି), ଏସ୍.ଡି.ଆଇ.ପି ଆର୍ ଓ. କୃଷ୍ଣକେଶୀ ବଳିୟାରସିଂହ, ନିର୍ବାହୀ ଯନ୍ତ୍ରୀ ଜଡଝଝ ଉସଙ୍ଗସହ୍ମସକ୍ଟଭ, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସମେତ ଅନ୍ୟାନ୍ୟ ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଓ ଜିଲ୍ଲା ଖଣିଜ ପାଣ୍ଠିର କର୍ମଚାରୀ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ଜୁଭେନାଇଲ ଜଷ୍ଟିସ ବୋର୍ଡ଼ କାର୍ଯ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ସ୍ଥାନୀୟ ଜୁଭେନାଇଲ ଜଷ୍ଟିସ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ଥିବା ଭିତିଭୂମି, କୋଠରୀ ସୁବିଧା ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରତ୍ୟେକ ବିଭାଗ ବୁଲି ଦେଖିବା ସହ ବୋର୍ଡର ସଦସ୍ୟ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତ କାଳରେ ଜିଲ୍ଲାପାଳ ବୋର୍ଡର ସଦସ୍ୟମାନଙ୍କ ପାଇଁ ନିର୍ଦ୍ଧାରିତ କୋଠରୀ, ସେମାନଙ୍କର କାର୍ଯ୍ୟାଳୟ ଭିତିଭୂମି ଏବଂ ଶୁଣାଣି ସମୟରେ ଆବଶ୍ୟକ ହେଉଥିବା ବିଭିନ୍ନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । ବୋର୍ଡ ସଦସ୍ୟମାନେ ଯେପରି ସୁଚାରୁରୂପେ ଓ ବିନା କୌଣସି ପ୍ରତିବନ୍ଧକରେ ଆଇନଗତ ପ୍ରକ୍ରିୟା ସୁପରିଚାଳନା କରିପାରିବେ, ସେଥିପାଇଁ ଆବଶ୍ୟକୀୟ ଭିତିଭୂମିର



ତଦାରଖ କରିଛନ୍ତି । ଏହା ସହିତ ଆଇନଗତ ବିବାଦରେ ଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ, ବସିବା ବ୍ୟବସ୍ଥା ଓ ଅପେକ୍ଷାଗୃହର ଉପଲବ୍ଧତା ସମ୍ପର୍କରେ ମଧ ଜିଲ୍ଲାପାଳ ତଦାରଖ କରିଥିଲେ । ବୋର୍ଡକୁ ଆସୁଥିବା କିଶୋର-କିଶୋରୀମାନଙ୍କୁ ଯେପରି ଏକ ମାନସିକ ଭାବେ ସୁରକ୍ଷିତ, ଅନୁକୂଳ ଓ ସମ୍ମାନଜନକ ପରିବେଶ ମିଳିପାରିବ, ସେ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟାଳୟରେ ଉପଲବ୍ଧ ସ୍ଥାନ ଓ କୋଠରୀଗୁଡ଼ିକର ସଠିକ୍ ବିନିଯୋଗ କରିବା ସହ ଆବଶ୍ୟକ ଭିତିଭୂମିର ସୁଧାର ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ଏବଂ ଜୁଭେନାଇଲ ଜଷ୍ଟିସ ବୋର୍ଡର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା : ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର : ସକ୍ରିୟ ମୌସୁମୀ । ଆସନ୍ତା ୪୮ ଘଂଟା ସାରା ରାଜ୍ୟରେ ବର୍ଷା ସମ୍ଭାବନା । ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଚେତାବନୀ ଦେଇଛି ଆଂଚଳିକ ପାଣିପାଗ ବିଭାଗ । ଆଗାମୀ ୨୪ ଘଂଟାରେ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ମୟୁରଭଞ୍ଜ ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ମାଲକାନଗିରି, କୋରାପୁଟ, ଗଂଜାମ ଗଜପତି,ରାୟଗଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେଉଁଝର ଓ



ସମ୍ବଲପୁର ଏହି ୧୦ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅବଶିଷ୍ଟ ୧୯ ଜିଲ୍ଲାରେ ହାଲୁକା ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୪୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଗୁରୁବାର ଠାରୁ ବଢ଼ିବ ବର୍ଷାର ପରିମାଣ । ଗରୁବାର ପାଇଁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ମାଲକାନଗିରି , ରାୟଗଡା, ଗଜପତି, ଗଂଜାମ, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, ଭଦ୍ରକ, ବାଲେଶ୍ୱର ,ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେଓଗଡ ଓ ସୁନ୍ଦରଗଡ ଏହି ୧୬ ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।










## ଆରଇପିସିଓ ବ୍ୟାଙ୍କପକ୍ଷରୁ ୨୨.୯୦ କୋଟିର ଲାଭାଂଶ ଚେକ୍ ଗ୍ରହଣ କଲେ ଅମିତ ଶାହ

### ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ବ୍ୟାଙ୍କର ସଫଳତା ଏହାର ବୃତିଗତ ଦକ୍ଷତା ଓ ଉତ୍କର୍ଷତାର ପ୍ରମାଣ



ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀସ୍ଥିତ ଆରଇପିସିଓ ବ୍ୟାଙ୍କଠାରୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୨୨.୯୦ କୋଟି ଟଙ୍କାର ଲାଭାଂଶ ଚେକ୍ ଗ୍ରହଣ କରିଛନ୍ତି । ଭାରତ ସରକାରଙ୍କ ୭୬.୩୨ କୋଟି ଟଙ୍କାର ଅଂଶଧନ ପୁଞ୍ଜି ଉପରେ ୩୦% ହାରରେ ଏହି ଲାଭାଂଶ ପ୍ରଦାନ କରାଯାଇଛି । ଆରଇପିସିଓ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ଇ. ସନ୍ଥାନମ୍, ନିର୍ଦ୍ଦେଶକ ତଥା ଆରଇପିସିଓ ହୋମ୍ ଫାଇନାନ୍ସ ଲିମିଟେଡର ଅଧ୍ୟକ୍ଷ ଶ୍ରୀ ସି. ଥାଙ୍ଗାରାଜୁ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଓ.ଏମ୍. ଗୋକୁଲଙ୍କଠାରୁ ଶ୍ରୀ ଶାହ ଏହି ଚେକ୍ ଗ୍ରହଣ କରିଥିଲେ । ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ ଶ୍ରୀ ଅମିତ ଶାହ କହିଛନ୍ତି ଯେ 'ସମବାୟ ବ୍ୟାଙ୍କିଙ୍ଗରେ ଉଦାହରଣ ସୃଷ୍ଟି କରି ୨୦୨୫-୨୬ ଆର୍ଥିକ ବର୍ଷରେ ୧୬୯ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି ଯାହା ବ୍ୟାଙ୍କର ଇତିହାସରେ ସର୍ବାଧିକ । ଏଥିପାଇଁ ଆରଇପିସିଓ ବ୍ୟାଙ୍କ୍ ପରିଚାଳନାକୁ ଅଭିନନ୍ଦନ । ଆଜି, ଗୃହ ମନ୍ତ୍ରଣାଳୟ ତରଫରୁ, ଆରଇପିସିଓ ବ୍ୟାଙ୍କର ଏକ ପ୍ରତିନିଧିମଣ୍ଡଳ ଠାରୁ ୨୨.୯୦ କୋଟି ଟଙ୍କାର ଲାଭାଂଶ ଚେକ୍ ଗ୍ରହଣ କରାଯାଇଛି, ଯେଉଁଥିରେ ଅଧ୍ୟକ୍ଷ ଶ୍ରୀ ଇ. ସନ୍ଥାନମ୍, ନିର୍ଦ୍ଦେଶକ ଶ୍ରୀ ଥାଙ୍ଗାରାଜୁ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଓ. ଏମ୍. ଗୋକୁଲ୍ ସାମିଲ ଥିଲେ । ଗୃହ ମନ୍ତ୍ରଣାଳୟ ଅଧୀନରେ ବ୍ୟାଙ୍କର ସଫଳତା ଏହାର ବୃତିଗତ ଦକ୍ଷତା ଏବଂ ଉତ୍କର୍ଷତାର ଏକ ପ୍ରମାଣ, ଆରଇପିସିଓ ବ୍ୟାଙ୍କର ପରିଚାଳନା ଏବଂ କର୍ମଚାରୀମାନଙ୍କୁ ମୋର ଶୁଭେଚ୍ଛା ' ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଶ୍ରୀ ଗୋବିନ୍ଦ ମୋହନ, ସଚିବ (ସୀମା ପରିଚାଳନା ଏବଂ ଏଫଏଫଆର) ଡ. ରାଜେନ୍ଦ୍ର କୁମାର, ଯୁଗ୍ମ ସଚିବ (ଏଫଏଫଆର ଡିଭିଜନ) ଶ୍ରୀ ଗୟା ପ୍ରସାଦ ଏବଂ ଯୁଗ୍ମ ସଚିବ (ଆରଏଚଏସ) ଶ୍ରୀ ମାଖନ ଲାଲ ମୀନା ପ୍ରମୁଖ ଉପସ୍ଥିତ ଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ୟାଙ୍କ ୧୬୯ କୋଟି ଟଙ୍କାର ନିଟ୍ ଲାଭ କରିଛି, ଯାହା ଆରଇପିସିଓ ବ୍ୟାଙ୍କ ଇତିହାସରେ ସର୍ବାଧିକ । ତିନି ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାଙ୍କ କ୍ରମାଗତ ଭାବେ ଲାଭ ଅର୍ଜନ କରୁଛି ଏବଂ ଅଂଶୀଦାରମାନଙ୍କୁ ଲାଭାଂଶ ପ୍ରଦାନ କରୁଛି । ୩୦.୦୬.୨୦୨୬ ସୁଦ୍ଧା ବ୍ୟାଙ୍କ ୨୬,୦୦୦ କୋଟି ଟଙ୍କାର ବ୍ୟାବସାୟକୁ ଅତିକ୍ରମ କରିଛି ।

## ସାଲେପୁରଠାରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଆୟୋଜିତ

## ସଠିକ୍ ସୂଚନା ହିଁ ସରକାର ଓ ଜନତାଙ୍କ ମଧ୍ୟରେ ବିଶ୍ୱାସର ଆଧାର : ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର

ସାଲେପୁର : ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁବନ୍ଧନ ଭାବେ ଗଣମାଧ୍ୟମର ଭୂମିକାକୁ ଆହୁରି ସୁଦୃଢ଼ କରିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ସଠିକ୍ ଓ ପ୍ରଭାବୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କଟକ ଜିଲ୍ଲାର ସାଲେପୁରଠାରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜିତ ହୋଇଯାଇଛି । କର୍ମଶାଳାରେ ଅଧ୍ୟକ୍ଷତା କରି ପିଆଇବି ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ, ବର୍ତ୍ତମାନର ସୂଚନା ଯୁଗରେ ପ୍ରଭାବୀ ଯୋଗାଯୋଗ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସେତୁ । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ସ୍ପଷ୍ଟ, ବିଶ୍ୱସନୀୟ ଏବଂ ଦାୟିତ୍ୱବୋଧ ସହିତ ଜନସାଧାରଣଙ୍କ ନିକଟରେ ପହଂଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକମାନେ କେବଳ ସୂଚନାର



ବାହକ ନୁହନ୍ତି, ବରଂ ସରକାର ଓ ସମାଜ ମଧ୍ୟରେ ଫଳପ୍ରଦ ସଂଳାପ ସୃଷ୍ଟି କରିବାର ଅନ୍ୟତମ ମାଧ୍ୟମ ବୋଲି ସେ କହିଥିଲେ । ଯୋଗାଯୋଗରେ ସ୍ୱଚ୍ଛତା, ସମ୍ବେଦନଶୀଳତା ଏବଂ ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଠିକ୍ ସୂଚନାକୁ ତୃଣମୂଳସ୍ତରରେ ପହଂଚାଇବା ଦିଗରେ ଗଣମାଧ୍ୟମର ଗଠନମୂଳକ ସହଯୋଗ ଅପରିହାର୍ଯ୍ୟ । 'ଉତ୍କରବସ୍ତର ସଭ ଓଭୟସବ, ଉତ୍କରବସ୍ତର ଲକ୍ଟକ୍ସ ସ୍ତ୍ରଷର ଡକ୍ଟକ୍ସକ୍ଷୟ' ଆଭିମୁଖ୍ୟରେ ପରିଚାଳିତ ଏହି ପଦକ୍ଷେପ ଦେଶର ସୃଜନଶୀଳ ପ୍ରତିଭାମାନଙ୍କୁ ବିଶ୍ୱସ୍ତରୀୟ ମଂଚ, ନବସୃଜନ, ଉଦ୍ୟୋଗ ଏବଂ ବଜାର ସହ ଯୋଡ଼ିବାର ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ବୋଲି ସେ କହିଥିଲେ । ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହ 'ୱେଭ୍ସ' ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ସକ୍ରିୟ ସହଯୋଗ ପାଇଁ ସେ ଆହ୍ୱାନ ଜଣାଇଥିଲେ । ସାଲେପୁର ବ୍ଲକ୍ର ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରା କହିଥିଲେ ଯେ, ଗଣମାଧ୍ୟମ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ । ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଂଚାଇବା ସହ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ପହଂଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଦାୟିତ୍ୱବାନ ଓ ନିରପେକ୍ଷ ସାମ୍ବାଦିକତା ମାଧ୍ୟମରେ ସୁଶାସନକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ଅକ୍ଷୟ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ ଡ. ପୂର୍ଣ୍ଣ ଓଝା, ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ସଦାଶିବ ଦାସ ଏବଂ ପ୍ରଫେସର ତଥା ବିଶିଷ୍ଟ ସାହିତ୍ୟିକ ଡ. ତପନ ରଞ୍ଜନ ମହାନ୍ତି ନିଜ ନିଜ ବକ୍ତବ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା, ନିରପେକ୍ଷ ଓ ଦାୟିତ୍ୱବାନ ସାମ୍ବାଦିକତାର ଆବଶ୍ୟକତା ଏବଂ ଜନସ୍ୱାର୍ଥଭିତିକ ସତ୍ୟ ଓ ତଥ୍ୟନିଷ୍ଠ ସମ୍ବାଦ ପରିବେଷଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସେମାନେ ଗଣମାଧ୍ୟମକୁ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବେ ବର୍ଣ୍ଣନା କରି ସୁଶାସନ, ଜବାବଦେହିତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୁଦୃଢ଼ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକମାନେ ସରକାରୀ ଯୋଜନାର ପ୍ରଚାର-ପ୍ରସାର, ସୂଚନାର ଆଦାନ-ପ୍ରଦାନ ଏବଂ ଗଣମାଧ୍ୟମ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ନିଜ ମତାମତ ଓ ପ୍ରଶ୍ନ ଉପସ୍ଥାପନ କରିଥିଲେ । ପ୍ରଶ୍ନୋତର ଅଧିବେଶନରେ ବକ୍ତାମାନେ ସେଗୁଡ଼ିକର ବିସ୍ତୃତ ଉତର ପ୍ରଦାନ କରିଥିଲେ ।

## ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ପାଇଁ ଭୁବନେଶ୍ୱରରେ ପହଂଚିଲେ ଅନ୍ତର୍ଜାତୀୟ ପ୍ରତିନିଧି

ଭୁବନେଶ୍ୱର : ଚଳିତ ବର୍ଷ ଭାରତ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି । ଏହି କ୍ରମରେ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକ ଏବଂ ତୃତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହେଉଛି । ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେଉଥିବା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଦୁଇଟି ବୈଠକରେ ଯୋଗ ଦେବା ଲାଗି ଭୁବନେଶ୍ୱରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର




ପ୍ରତିନିଧିମାନେ ଆସି ପହଂଚିଛନ୍ତି । ସେମାନଙ୍କୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି । ଶିକ୍ଷା ମନ୍ତ୍ରୀମାନଙ୍କର ମୁଖ୍ୟ ବୈଠକ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ବ୍ରାଜିଲ, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଏଥିରେ ଲୋକ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନେଇ ବିଚାରବିମର୍ଶ କରାଯିବ । ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ସକୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ ।

## କଣାସ ଓ ପିପିଲି ବନ୍ୟାଅଂଚଳ ପରିଦର୍ଶନ କଲେ ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର : ପୁରୀ ଜିଲ୍ଲାର କଣାସ ଓ ପିପିଲି ଅଂଚଳ ଗସ୍ତ ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ସ୍ଥାନୀୟ ବିଧାୟକ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସାମ୍ପ୍ରତିକ ବନ୍ୟା ପରିସ୍ଥିତି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ ସମସ୍ୟାର ସମାଧାନ ସହ ଜନସାଧାରଣଙ୍କ ପାଖରେ ପ୍ରତିଟି ଆବଶ୍ୟକତା ତ୍ୱରିତ ଉପଲବ୍ଧ କରାଇବା ସହ ଅଂଚଳର ସାମଗ୍ରିକ ବିକାଶ ଉପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ସୋଲାପୁର ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ

ଭୁବନେଶ୍ୱର : ଓଡ଼ିଶାରୁ ମହାରାଷ୍ଟ୍ର ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ସୋଲାପୁର ଜଙ୍କସନ୍ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା କରାଯିବ । ଟ୍ରେନ୍ ନଂ ୦୮୪୪୫ ପୁରୀ-ସୋଲାପୁର ଜଙ୍କସନ୍ ସ୍ପେଶାଲ୍ ଏକ୍ସପ୍ରେସ୍ ୦୭ ଅଗଷ୍ଟ ୨୦୨୬ (ଶୁକ୍ରବାର) ରାତି ୨୩:୪୫ ଘଂଟାରେ ପୁରୀରୁ ଯାତ୍ରା ଆରମ୍ଭ କରି ରବିବାର ପ୍ରଭାତ ୦୪:୧୫ ଘଂଟାରେ ସୋଲାପୁର ଜଙ୍କସନ୍‌ରେ ପହଂଚିବ । ଏହି ସ୍ପେଶାଲ୍ ଟ୍ରେନ ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ବିଜୟନଗରମ୍, ଦୁଭ୍ଭାଡା, ବିଜୟୱାଡା ଜଙ୍କସନ୍, ଗୁଂଟୁର ଜଂ, ନାଲଗୋଣ୍ଡା, ସିକନ୍ଦରାବାଦ, ୱାଡି ଏବଂ କଲବୁରଗି ଷ୍ଟେସନରେ ରହଣି କରିବ, ଯାହା ଏହି ସମସ୍ତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସୁବିଧାଜନକ ସଂଯୋଗ ପ୍ରଦାନ କରିବ । ଏହି ସ୍ପେଶାଲ୍



ଟ୍ରେନରେ ମୋଟ ୨୨ଟି ବଗି ରହିବ । ସେଥିମଧ୍ୟରେ ୧୩ଟି ସ୍ଲିପର୍ ଶ୍ରେଣୀ ବଗି, ୭ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି ଏବଂ ୨ଟି ଲଗେଜ୍ -ସହ - ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ରହିବ, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରିବ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।

## ଟେଷ୍ଟ ସିରିଜ ପାଇଁ ଶ୍ରୀଲଙ୍କାରେ ପହଂଚିଲା ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ : ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଭାରତୀୟ



ଦଳ ଶ୍ରୀଲଙ୍କାରେ ପହଂଚିଛି । ଦଳ ସହ ନେଟ୍ ବୋଲରମାନେ ମଧ୍ୟ ଶ୍ରୀଲଙ୍କା ଗସ୍ତ କରିଛନ୍ତି । ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଦୁଇଟି ଟେଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କାରେ ପହଂଚିଛି । କିନ୍ତୁ ଆହତ ହୋଇ ବାଦ୍ ପଡିଥିବା ଯଶପ୍ରୀତ ବୁମରାଙ୍କ ସମେତ ଅନେକ ପ୍ରମୁଖ ଖେଳାଳିଙ୍କ ଆଘାତ ସେମାନଙ୍କ ସୁଯୋଗରେ ବାଧା ଦେଇଛି । ଷ୍ଟାର ଓପନର ସାଇ ସୁଦର୍ଶନଙ୍କ ଦେଖା ମିଳି ନାହିଁ । ସେ ଦଳ ସହ ଶ୍ରୀଲଙ୍କା ଯାତ୍ରା କରି ନାହାନ୍ତି । ସେ ଏପର୍ଯ୍ୟନ୍ତ ଫିଟ୍ ହୋଇ ନାହାନ୍ତି । ସାଇ ସୁଦର୍ଶନଙ୍କ ବିନା କ୍ୟାପଟେନ୍ ଶୁଭମନ ଆଣ୍ଡ କୋ ଶ୍ରୀଲଙ୍କାରେ ପହଂଚିଛି । ସାଇ ସୁଦର୍ଶନଙ୍କ ରିପ୍ଲେସମେଂଟ କିଏ ହେବ ତାହା ଚିନ୍ତାର କାରଣ ହୋଇଛି । ପ୍ରଥମ ଟେଷ୍ଟ ଆରମ୍ଭ ହେବାକୁ ଆଉ ୧୦ ଦିନ ବାକି ରହିଥିବାରୁ ଟିମ ମ୍ୟାନେଜମେଂଟ ମଧ୍ୟ ଧୈର୍ଯ୍ୟର ସହ ତାଙ୍କ ଉପସ୍ଥିତିକୁ ଅପେକ୍ଷା କରିବାକୁ ପ୍ରସ୍ତୁତ ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅପସିପ୍ ପଏଂଟ ତାଲିକାର ପଂଚମ ସ୍ଥାନରେ ରହିଥିବା ଭାରତ ପାଇଁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ଯଶପ୍ରୀତ ବୁମରା ବାଦ ପଡ଼ି ସାରିଛନ୍ତି । ସୁଦର୍ଶନ ଦଳ ସହ ଯାତ୍ରା କରି ନଥିବାରୁ ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୩ଦିନିଆ ଅଭ୍ୟାସ ମ୍ୟାଚ ଖେଳି ପାରିବେ ନାହିଁ । ଗତ ମାସରେ ଭାରତ ଏ' ଦଳ ଏକ ୨ ମ୍ୟାଚ ବିଶିଷ୍ଟ ଅନଫିସିଆଲ ଟେଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା ଯାତ୍ରା କରିଥିଲା । ଉକ୍ତ ସିରିଜ ବେଳେ ସୁଦର୍ଶନ ଆହତ ହୋଇଥିଲେ । ତାଙ୍କ ଅନୁପସ୍ଥିତିରେ ଟିମ ମ୍ୟାନେଜମେଂଟ ଦେବଦତ ପାଡ଼ିକଲଙ୍କୁ ଓପନର ଭାବେ ପରୀକ୍ଷା କରାଇବା ଆଶା କରାଯାଉଛି । ପାଡ଼ିକଲ ମଧ୍ୟ ଉକ୍ତ ଅନଫିସିଆଲ ଟେଷ୍ଟ ସିରିଜ ଖେଳିଥିଲେ । ଉଭୟ ମ୍ୟାଚରେ ସେ ଯଥାକ୍ରମେ ୬୭ ଓ ୯୪ ରନ୍‌ର ଇନିଂସ ଖେଳିଥିଲେ । ଅଭ୍ୟାସ ମ୍ୟାଚରେ ଉଭୟ ନବାଗତ ସାରାଂଶ ଜୈନ ଓ ଆକିବ ନବିଙ୍କୁ ଖେଳାଇବା ପାଇଁ ଟିମ ମ୍ୟାନେଜମେଂଟ ଯୋଜନା କରିବ ।

## ସେଂଟ୍‌ଲୁଇସ ଗ୍ରାଣ୍ଡ ଚେସ୍ : ପ୍ରଜ୍ଞାନନ୍ଦ ଶୀର୍ଷରେ

ସେଂଟ୍‌ଲୁଇସ :ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ସେଂଟ୍‌ଲୁଇସ ରାପିଡ୍ ଓ ବ୍ଲିଜ୍ ପ୍ରତିଯୋଗିତାରେ ଶୀର୍ଷରେ ରହିଛନ୍ତି । ୧୮



ପଏଂଟ୍ ବିଶିଷ୍ଟ ରାପିଡ୍ ପରେ ସେ ୧୨ ପଏଂଟ୍ ଅକ୍ତିଆର କରି ଏହି ସ୍ଥାନରେ ରହି ଚଳିବ ବର୍ଷ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର (ଜିସିଟି) ଫାଇନାଲ୍ସ ଖେଳିବା ଆଶା ଉଜ୍ଜୀବିତ ରଖିଛନ୍ତି । ୨୦୨୬ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରି ପାରି ନଥିବା ଏହି ଭାରତୀୟ ଚମତ୍କାର ଖେଳି ୯ ରାଉଣ୍ଡ ବିଶିଷ୍ଟ ରାପିଡ ବର୍ଗରେ ବିଜେତା ହୋଇଛନ୍ତି । ଶେଷ ରାଉଣ୍ଡରେ ସେ ଡଚ୍ ଜିଏମ୍ ଜୋର୍ଡାନ ଭାନ୍ ଫରେଷ୍ଟଙ୍କଠୁ ହାରି ଯାଇଥିଲେ । ହେଲେ ୧ ପଏଂଟ ଅଗ୍ରଣୀ ସହ ଶୀର୍ଷରେ ରହିଥିଲେ । ତାଙ୍କ ପଛରେ ଉଜବେକିସ୍ତାନର ଜାଭୋଖିର ସିନ୍ଦାରୋଭ ଓ ଆମେରିକାର ୱେସ୍ ?ଲେ ସୋ (୧୧ ପଏଂଟ୍) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ରାପିଡ୍ ପରେ ୧୮ ପଏଂଟ ବିଶିଷ୍ଟ ବ୍ଲିଜ୍ ଖେଳାଯିବ । ଏହାପର ବିଜେତା ନିର୍ଣ୍ଣୟ ହେବ । ଆମେରିକାର ଲେଭନ ଆରୋନିଆନ୍, ଲିନିଅର ଡୋମିନଗୁଏଜ ପେରେଜ, ନେଦରଲାଣ୍ଡସ ଅନିଶ ଗିରି, ଜର୍ମାନି ଭିନସେଂଟ୍ କେମର (ସମସ୍ତେ ୯ ପଏଂଟ୍) ଏବଂ ଆମେରିକାର ଫାବିଆନୋ କାରୁଆନା, ଫରେଷ୍ଟ (୮ ପଏଂଟ୍) ଓ ଆମେରିକାର ଆୱ୍ୱଣ୍ଡର ଲିଓଙ୍ଗ (୫) ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି ।

## ଜାତୀୟ କନିଷ୍ଠ ହକି : ସେମିରେ ଓଡ଼ିଶା



କୋଏମ୍ବାଟୁର : ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି । ବୁଧବାର କ୍ୱାର୍ଟରଫାଇନାଲ୍‌ରେ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ଥିବା ଓଡ଼ିଶା ୫-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି । ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ମନଦୀପ କେର୍କେଟାଙ୍କ ଫିଲ୍ଡ ଗୋଲ୍‌ରୁ ଓଡ଼ିଶା ଅଭିଯାନ ଆରମ୍ଭ କରିଥିଲା । ଏହାପରେ ଲେଇସାନ ମିଂଚ (୧୫ ମିନିଟ୍)ଙ୍କ ପେନାଲ୍‌ଟି ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା । ୨୦ ଓ ୪୬ ମିନିଟ୍‌ରେ ଆଉ ଦୁଇ ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଲେଇସାନ ବ୍ୟକ୍ତିଗତ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ । ଶେଷ ମିନିଟ୍‌ରେ ଅଧିନାୟକ ଦୀପକ ପ୍ରଧାନ ଫିଲ୍ଡ ଗୋଲ୍ ଦେଇ ଦଳର ବିଜୟ ବ୍ୟବଧାନକୁ ବଢ଼ାଇଥିଲେ । ବିପକ୍ଷ ଦଳର ପ୍ରିନ୍ସ (୪୧ ମିନିଟ୍) ଗୋଟିଏ ଗୋଲ୍ ଶୁଝିଥିଲେ । ଓଡ଼ିଶା ଗୁରୁବାର ସେମିଫାଇନାଲ୍‌ରେ ପଞ୍ଜାବକୁ ଭେଟିବ । ପଞ୍ଜାବ ୫-୨ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**